Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 60
Monay, 4 May 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୪ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

କାଳବୈଶାଖୀ : ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୩/୫ (ଆ.ପ୍ର) : ୪ ଦିନ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି । ଗତିବାର ପାଇଁ ୭ ଜିଲ୍ଲା ଓ ସୋମବାର ୧୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ସହ କୁଆପଥର ବର୍ଷା ସମ୍ଭାବନା ରହିଛି । କାଳବୈଶାଖୀ ପ୍ରଭାବରେ ମୋଟୁଆ ପାଇ ସହ ବର୍ଷା ସମ୍ଭାବନା ଥିବା ବେଳେ ଆଗାମୀ ୪ ଦିନ ଯାଏ ପ୍ରବଳ ବର୍ଷା ଓ ପବନ ପାଇଁ ଚେତାବନୀ ଦେଇଛି ପାଣିପାଗ ବିଭାଗ । ଆସନ୍ତା ୨୪ ଘଂଟାରେ ଅଧିକାଂଶ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । କେନ୍ଦୁଝର, ମୟୂରଭଞ୍ଜ , ବାଲେଶ୍ୱର, ରାୟଗଡା , କୋରାପୁଟ , ମାଲକାନଗିରି ଓ ନବରଙ୍ଗପୁରରେ ବଜ୍ରପାତ ସହ ବର୍ଷା ସମ୍ଭାବନାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଗଞ୍ଜପୁରି, ଗଂଜାମ, ଲଙ୍କମାଳ, କଳାହାଣ୍ଡି, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ, ଖୋର୍ଦ୍ଧା ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର ଓ ଭଦ୍ରକ ଏହି ୧୬ ଜିଲ୍ଲାରେ ବିଜୁଳି ଗଡଗଡି ବର୍ଷା ସମ୍ଭାବନା ଓ ୪୦ ରୁ ୫୦ କିମି ବର୍ଷାକୁ ନେଇ ନେଇ ଯେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ ।

ସେହିପରି ସୋମବାର ସବୁ ଜିଲ୍ଲାକୁ ବର୍ଷା ପାଇଁ ଚେତାବନୀ ଜାରି ଥିବା ବେଳେ ଲୋ.ରା.ପୁ.ଟ, ରାୟଗଡା, କଳାହାଣ୍ଡି ନବରଙ୍ଗପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା , ଯାଜପୁର, ଭଦ୍ରକ , ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡରେ ୧୩ ଜିଲ୍ଲାରେ ବଜ୍ରପାତ ସହ ୫୦ ରୁ ୬୦ କିମି ବେଗ ପବନ ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ରାୟଗଡା ଏହି ୪ ଜିଲ୍ଲାରେ କୁଆପଥର ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ସହ ସତର୍କତା ଜାରି କରିଛି ବିଭାଗ । ୬ ତାରିଖ ଯାଏ ପ୍ରବଳ ବର୍ଷା ସହ ଆସନ୍ତା ୯ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି । ବର୍ଷା ପବନରେ ଗଛ ଭାଙ୍ଗି ଅଜାଳରେ ଝଡ଼ିଯାଇଛି ଜୀବନ । ଢେଙ୍କାନାଳ ଜିଲ୍ଲା କାମଖିଆନଗର ଥାନା ରାଇଦୋଲ ଗାଁରେ ବଜ୍ରପାତ ଯୋଗୁ ଜଣଙ୍କର ମୃତ୍ୟୁ ହୋଇଛି । ବଗିଚାରେ କାମ କରିବା ବେଳେ ବର୍ଷା ଓ ବଜ୍ରପାତ ହେବାରୁ ସେଠାରେ ଚଳିପଡ଼ିଥିଲେ ଭୂଷିଣ୍ଡେଶ ସାହୁ । ଯାଜପୁର ଜିଲ୍ଲା ଭଦ୍ରବତୀ ବାଲିକୁଦା ଗାଁର ଅଜିତ ଜେନାଙ୍କ ଉପରେ ତାଳଗଛ ପଡ଼ି ଗୁରୁତର ଜାହାନ । ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀ ବିଷ ପିଇ ଦେଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଜଟକ ସ୍ତ୍ରୀକାରର କରାଯାଇଛି । ତଥ୍ୟ ଅନୁସାରେ ଚଳିତ ବର୍ଷ ଏପର୍ଯ୍ୟନ୍ତ କାଳବୈଶାଖୀ ଓ ଝଡ଼ ଦୋଷାନରେ ପ୍ରାୟ ୧୦ ଜଣଙ୍କର ମୃତ୍ୟୁ ହେଲାଣି । କେନ୍ଦ୍ରାପଡ଼ାରୁ ଢେଙ୍କାନାଳ, ବାଲେଶ୍ୱରରୁ ଭାଦ୍ରପଦା ସବୁଆଡେ ଜାରାଖାର କରିଛି କାଳବୈଶାଖୀ । କେଉଁଠି ଘର ଛପର ଉଡ଼ିଯାଇଛି, ପୁଣି କେଉଁଠି ଗଛ ପଡ଼ି ଘର ନଷ୍ଟ ହୋଇଛି । ଢେଙ୍କାନାଳ ଜୁଡ଼ନ ନିକଟ ସୁରପ୍ରତାପପୁର ଗାଁରେ ଜଣେ ଯୁବତୀଙ୍କ ବିବାହ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉପରେ ଘର ଛପର ପଡ଼ିବାରୁ ତାହା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଏପରେ କେନ୍ଦୁଝର ଘଟିଗୁପା ବୁଲ ଖଣ୍ଡିପଡିଆ ଗାଁରେ ବର୍ଷା ପବନରେ ଛପର ଉଡ଼ିଗିବାରୁ ଗୋଟ ଉପସରେ ପଡି ଗଛିଛନ୍ତି ୧୦ରୁ ଅଧିକ ପରିବାର । ବଣେଇରେ କାନ୍ଥ ପଡ଼ି ୧୨ଜଣ ଆହତ ହୋଇଛନ୍ତି । ଝଡ଼ବର୍ଷା ସମୟରେ ବଜ୍ରପାତ ହେଉଥିବା ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । କାଳବୈଶାଖୀ କ୍ଷୟକ୍ଷତି ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଥିବା କହିଛନ୍ତି ମନ୍ତ୍ରୀ ସୁଲେଖା ପୂଜାରୀ । ପ୍ରଶ୍ନ ଉଠୁଛି ବଡ଼ କ୍ଷତ୍ୟା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି କହୁଥିବାବେଳେ କାଳବୈଶାଖୀରେ କାହିଁକି ଗଡୁଛି ମୁଣ୍ଡ ?

ଓମଫେଡ୍ କ୍ଷୀର ଦର ବୃଦ୍ଧି, ପ୍ରଭାବିତ ହେବେ ଛୋଟ ବ୍ୟବସାୟୀ : ବିଜେଡି

ଭୁବନେଶ୍ୱର, ୩/୫ (ଆ.ପ୍ର) : ଓମଫେଡ୍ କ୍ଷୀର ଦର ବୃଦ୍ଧିକୁ ନେଇ ବିଜେଡିର ଜବ୍ଦା ପ୍ରତିକ୍ରିୟା । ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛି ବିଜେଡି । ଶ୍ରମିକ ଦିବସ ପରେ ଓମଫେଡ୍ କ୍ଷୀର ଦର ବଢ଼ାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଓମଫେଡ କ୍ଷୀରରେ ୪ ଟଙ୍କା ପର୍ଯ୍ୟନ୍ତ ଦର ବଢ଼ିଛି । ଏହା ସହିତ ଦାବସାମିକ ଗ୍ୟାସ ଦର ବୃଦ୍ଧି ମଧ୍ୟ ଲୋକଙ୍କ ଉପରେ ଭାର ବଢ଼ାଇଛି । ୫ କେଜି ଗ୍ୟାସ ସିଲିଣ୍ଡର ଦର ୨୬୧ ଟଙ୍କାକୁ ବଢ଼ିଯାଇ ବେଳେ, ଗ୍ୟାସ ଦର ଲଗାତାର ବଢୁଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଓ ବିଜୁ ଜନତା ଦଳ ସଭାନେତ୍ରୀ ଲକ୍ଷିତା ସାହୁ କହିଛନ୍ତି । ବିଜେଡି ଅଭିଯୋଗ କରିଛି ଯେ, ବାଣ୍ଟାଙ୍କୁ କେବଳ ଅଳ୍ପ ଲାଭ ଦେଇ ଗ୍ରାହକଙ୍କୁ ଅଧିକ ଦରରେ କ୍ଷୀର ବିକ୍ରି କରାଯାଉଛି । ଏହା ଦ୍ୱାରା ସାଧାରଣ ଲୋକଙ୍କ ପକେଟରେ ସିଧା ପ୍ରଭାବ ପଡ଼ିବ । ଗ୍ୟାସ ଓ କ୍ଷୀର ଦର ବୃଦ୍ଧିରେ ବା ଦୋକାନ ଭଳି ଛୋଟ ବ୍ୟବସାୟୀ ମଧ୍ୟ ପ୍ରଭାବିତ ହେବେ । ୫ ଟଙ୍କାରେ ମିଳୁଥିବା ଜା' ଆଗାମୀ ଦିନରେ ୧୫ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେବ । ବିଜେଡି ଏହାକୁ ଓଡ଼ିଶା ଅସ୍ମିତା ସହ ଯୋଡି ନିନ୍ଦା କରିଛି । ଗୁଜୁରାଟ କମ୍ପାନୀକୁ ଲାଭ ପଙ୍କଟାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଉଛି ବୋଲି ବିଜେଡି ଅଭିଯୋଗ କରିଛି । ଗଳା ଦର୍ଶରୁ ଓମଫେଡକୁ ନାମଫେଡ ସହ ସରକାର ମିଶାଇ ଗଠିତ କରିଛନ୍ତି । ତେଣୁ ଏହି ଦର ବୃଦ୍ଧି ଗୁଜରାଟୀ ବ୍ୟବସାୟୀଙ୍କୁ ସୁବିଧା କରିବାକୁ ବୋଲି ଅଭିଯୋଗ କରିଛନ୍ତି । ତୁରନ୍ତ ଦର ବୃଦ୍ଧିରେ ରୋକ ଲଗାଇବା ସହ ପୂର୍ବ ଦରକୁ ଲାଗୁ କରିବାକୁ ବିଜେଡି ଦାବି କରିଛି ।

ଛାତ୍ର ମୃତ୍ୟୁକୁ ନେଇ ରାଜଧାନୀର ଘରୋଇ କଲେଜରେ ଉତ୍ତେଜନା

ଭୁବନେଶ୍ୱର, ୩/୫ (ଆ.ପ୍ର) : ବାପା ଥିଲେ କ୍ଲାସ-୨ ସରକାରୀ ଅଧିକାରୀ । ବାପା-ମା'ଙ୍କ ସ୍ୱପ୍ନ ଥିଲା ପୁଅ ହେବ କ୍ଲାସ-ୱାନ୍ ଅଫିସର । ପୁଅକୁ ସାଲୁଟ୍ ମାରିବେ ବାପା । ହେଲେ ବିଧିର ବିଧାନ ଥିଲା କିଛି ଅଲଗା । ଗତକାଲି ରାତିରେ ପୁଅର ମୃତଦେହ ମିଳିବା ପରେ ସବୁ ସ୍ୱପ୍ନ, ସବୁ ଆଶା ପାଣି ଫୋଟକା ପରି ମିଳେଇଗଲା । ବାପା ଆଗରେ ବ୍ୟକ୍ତହେବ ହେଲା ପୁଅର ଶବ । ଏସବୁ ଘଟଣା ପରେ ସ୍ତବ୍ଧ ପୁରା ପରିବାର । ଜଗତସିଂହପୁର ଜିଲ୍ଲା ବାଲିକୁଦା କ୍ଲୁଜ ନୂଆଗାଁଠାରେ ସ୍ୱାର୍ଜିକ ଏକମାତ୍ର ପୁଅ ବିଶ୍ୱାସ । ବସନ୍ତ ବାରିପଦାରେ କ୍ଲାସ-୨ ଅଫିସର ଭାବେ କାର୍ଯ୍ୟରତ । ଗତବର୍ଷ ସେ ମୋଟା ଅଙ୍କର ଫି' ଦେଇ ପୁଅ ବିଶ୍ୱାସକୁ ବି-ଟେକ୍ ଆଡମିଶନ୍ କରାଇଥିଲେ । ପରେ ବିଶ୍ୱାସଙ୍କୁ ରାଗିଂ କରାଯାଉଥିବା ନେଇ ବସନ୍ତ ଅଭିଯୋଗ କରିଥିଲେ । ମାତ୍ର କଲେଜ କର୍ତ୍ତୃପକ୍ଷ ଏହାକୁ ଭୁଲୁଛି ଦେଇନଥିଲେ । ଗତକାଲି ରାତି ୯ ଟା ୩୦ ବେଳକୁ ଛାତ୍ରେଷଣରେ ବିଶ୍ୱାସ ଅନୁପସ୍ଥିତ ଥିବା ନେଇ ପରିବାର ଲୋକଙ୍କୁ ମେସେଜ ଆସିଥିଲା । ଏହି ଘଟଣା ପରେ ବିଶ୍ୱାସଙ୍କୁ ରାତିରେ ପରିବାର ଲୋକ ଫୋନ୍ କରି ପଚାରିଥିଲେ ।

ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ ଏନଇପି : ରାଜ୍ୟପାଳ

ଭୁବନେଶ୍ୱର, ୩/୫ (ଆ.ପ୍ର) : ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର । ଯାହା ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' କୃଷ୍ଣ କୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଭବିଷ୍ୟତ ସଂସ୍କାର' ସମ୍ବନ୍ଧିତ

ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ବୋଧନ ଉତ୍ସବପାଳନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପତି ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ, ଏନଇପି ୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ପଷ୍ଟ ମାର୍ଗଦର୍ଶନ । ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ । ଏହି କର୍ମଶାଳା ଏକ ସମୟୋପଯୋଗୀ ଏବଂ ଦୂରଦର୍ଶୀ ଉଦ୍ୟମ । ଏହା ଜାତୀୟ ପ୍ରଗତି ଏବଂ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର ପ୍ରତିଫଳନ । ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା । ପଣ୍ଡିତ, ନ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି । ରାଜ୍ୟପାଳ କହିଥିଲେ ଯେ ଜ୍ଞାନ ଅର୍ଥନୀତି ବର୍ତମାନ ଆଲୋଚନାକୁଳ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତର୍ଦିଷୟିକ ଶିକ୍ଷାର ଆଦର୍ଶାଳକ୍ରା କରେ । ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକଦିନ ଶତାବ୍ଦୀର ଆବଶ୍ୟକତା ସହିତ ସମନ୍ୱିତ ଭାବରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଙ୍କେତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିପ୍ଳବ ଏବଂ ଭବିଷ୍ୟାତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ୨୦୨୪ ଅଗଷ୍ଟ ମାସରୁ ରାଜ୍ୟରେ ସକ୍ରିୟ ଭାବେ ଏନଇପି ୨୦୨୦ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭବିଷ୍ୟତ ମନ୍ତ୍ରୀ ଶ୍ରୀକାଁଣ୍ଡ ସୁରଜଙ୍କୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ରାଜ୍ୟପାଳ କହିଥିଲେ ଯେ ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତା ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ସୃଜନ, ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଭବିଷ୍ୟତର ପ୍ରମୁଖ ସଂସ୍କାର ଆଣିଛି । ଭବିଷ୍ୟତର ସମାନତାକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ଜ୍ୟାତର ସଂରକ୍ଷଣ ଆଇନକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ ।

ଯୁଦ୍ଧ ପାଇଁ ବିଶ୍ୱ ତୈଳ ଯୋଗାଣ ପ୍ରଭାବିତ: ବଢ଼ିବ ପେଟ୍ରୋଲ, ଡିଜେଲ ଦର

ନୂଆଦିଲ୍ଲୀ, ୩/୫ (ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଅଣାଣ୍ଟି ଅମିତାର ନାଁ ଧରୁଳାଛି । ଛୋଟୁଁଛ ଜନମାର୍ଗରେ ଜାରାଳ ଚଳାଚଳ ଠପ୍ । ଏଭଳି ସ୍ଥିତିରେ ବିଶ୍ୱ ତୈଳ ଯୋଗାଣ ଭୟଙ୍କର ଭାବେ ପ୍ରଭାବିତ ହୋଇଛି । ପରିଣାମସ୍ୱରୂପ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୧୦ ଡଲାର ଉପରେ ରହିଛି । ଗୁରୁବାର ଏହା ୧୨୬ ଡଲାର ପର୍ଯ୍ୟନ୍ତ ପହଂଚିଯାଇଥିଲା । ତେବେ ବର୍ତମାନ ପରିସ୍ଥିତିରେ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧିକୁ ଏଡ଼ାଯାଇପାରିବ ନାହିଁ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଜେକର୍ଡ ଉଚ୍ଚ ସ୍ତରରେ ଥିବା ସତ୍ତ୍ୱେ ଗରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ଗତ ୪ ବର୍ଷ ଧରି ଅପରିବର୍ତିତ ରହିଛି । ତେଣୁ ତୈଳ କମ୍ପାନିଗୁଡ଼ିକ ପ୍ରଚୁର କ୍ଷତି ସହୁଛନ୍ତି । ଏଭଳି ସ୍ଥିତିରେ ଆଗକୁ ଇନ୍ଧନ ଦରରେ ଏକ ବୃଦ୍ଧି ସମ୍ଭାବନା ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟ ୪ରୁ୫ ଟଙ୍କା ବଢ଼ିପାରେ । ଅନ୍ୟପକ୍ଷରେ, ଗରୋଇ ଏଲ୍ପିଜି ସିଲିଣ୍ଡର ୪୦ରୁ୫୦ ଟଙ୍କା ମହଙ୍ଗା ହୋଇପାରେ । ଯଦି ଏହା ହୁଏ ତେବେ ୪ ବର୍ଷ ମଧ୍ୟରେ ଏହା ପେଟ୍ରୋଲ ଏବଂ ଡିଜେଲ ଦରରେ ହେବ ପ୍ରଥମ ବୃଦ୍ଧି । ୨୦୨୨ରୁ ଭାରତ ଇନ୍ଧନ ଦର ସ୍ଥିର ରହିଛି । ସୂଚନାଯୋଗ୍ୟ, ନିକଟରେ ୫ଟି ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ଇନ୍ଧନ ଦର ବଢ଼ିବ ବୋଲି ଏକ ରିପୋର୍ଟରୁ କେନ୍ଦ୍ର ସରକାର ଖଣ୍ଡନ କରିଥିଲେ । କିନ୍ତୁ ବର୍ତମାନ ଜିନ୍ସ ରିପୋର୍ଟରେ ଦରବୃଦ୍ଧି ସମ୍ଭାବନା ରହିଥିବା ଉଲ୍ଲେଖ କରାଯାଇଛି । ମଧ୍ୟପ୍ରାଚ୍ୟରେ ଅଣାଣ୍ଟି ଜାରି ରହିଥିବାବେଳେ ଯୋଗାଣ ସ୍ଥିତି ଆହୁରି ଖରାପ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ପରିବହନଜନିତ ସମସ୍ୟା ଏବଂ ଲମ୍ବା ସମୟ ଧରି ଜାରି ରହିଥିବା ଅସ୍ଥିରତା ଯୋଗୁ ଅଶୋଧିତ ତୈଳ ଦର କିଛି ସପ୍ତାହ ହେବ ବଢ଼ିଚାଲିଛି । ଫଳରେ ତୈଳ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି । ଗରୋଇ ବଜାରରେ ଦର ସ୍ଥିର ରହିଥିବାବେଳେ ଇନ୍ଧନ ବିକ୍ରିରେ ପ୍ରଚୁର କ୍ଷତି ସହୁଛନ୍ତି ତୈଳ କମ୍ପାନି । ବର୍ତ୍ତମାନ ଅଶୋଧିତ ତୈଳ ଦର ସରକାରଙ୍କ ଆର୍ଥିକ ଚାପ ବଢ଼ାଇଛି । ତେଣୁ ସରକାର ସବ୍ସିଡି କିମ୍ବା ଟିକସ ହ୍ରାସ କରି ଖାଉଟିଙ୍କୁ ଅଣ୍ଟାଶି ଦେବା ପାଇଁ ମଧ୍ୟ ଅସମର୍ଥ ହେଉଛନ୍ତି । ପୂର୍ବରୁ ଜଣାପଡ଼ିଛି ଯେ, ମଧ୍ୟପ୍ରାଚ୍ୟ ଅସ୍ଥିରତା ଏବଂ ବିଶ୍ୱ ଶକ୍ତି ବଜାର ଉପରେ ଏହାର ପ୍ରଭାବ ଉପରେ କେନ୍ଦ୍ର ସରକାର ନଜର ରଖିଛନ୍ତି । ଯଦିଓ କୌଣସି ବୃତ୍ତାନ୍ତ ନିଷ୍ପତ୍ତି ନିଆଯାଇନାହିଁ କିମ୍ବା ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧି ସମ୍ଭାବନା ରହିଥିବା ଜଣାପଡ଼ିଛି । ଇନ୍ଧନ ଏବଂ ଏଲ୍ପିଜି ଦରରେ କୌଣସି ପ୍ରକାର ବୃଦ୍ଧି ପାରିବାରିକ ବଜେଟ୍ ବିଗାଡ଼ିବ ଏବଂ ପରିବହନ ଖର୍ଚ୍ଚ ବଢ଼ାଇବ ।

ଭୋଟ୍ କାଉଂଟିଂ ଡ୍ୟୁଟିରେ ଥିବା ଅଧିକାରୀ ସୂଚନା ଲିକ୍ କରୁଛନ୍ତି : ଶୁଭେନ୍ଦୁ ଅଧିକାରୀ

କୋଲକାତା, ୩/୫(ନ୍ୟୁ.ଏ): ପଶ୍ଚିମବଙ୍ଗରେ ଆସନ୍ତାକାଲି ଅର୍ଥାତ ୪ ମଇରେ ପ୍ରକାଶ ପାଇବାକୁ ଥିବା ନିର୍ବାଚନ ଫଳାଫଳ ପୂର୍ବରୁ ରାଜନୈତିକ ପରିବେଶ ଖୁବ୍ ସରଗରମ୍ ରହିଛି । ବିଜେପି ନେତା ଶୁଭେନ୍ଦୁ ଅଧିକାରୀ କାଉଂଟିଂ ପ୍ରୋସେସକୁ ନେଇ ଗମ୍ଭୀର ଅଭିଯୋଗ କରିଛନ୍ତି । ଶୁଭେନ୍ଦୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସ୍ପିଲ୍ ଗଟ୍ ସେୟାର କରି ଦାବି କରିଛନ୍ତି ଯେ, କାଉଂଟିଂ ଡ୍ୟୁଟିରେ ଲାଗିଥିବା ଦୁଇ ଅଧିକାରୀ ଅଧିକାରୀମାନେ ସେମାନଙ୍କର ,ପକ୍ଷରୁ ଏବଂ ଦାୟିତ୍ୱ ଭଳି ସୂଚନା ପ୍ରକାଶ କରୁଛନ୍ତି । ଟିଏମସି ଭୋଟ୍ ଚୋରି କରିବା ପାଇଁ ନକଲି ଆଇଡି ଛାପ ବ୍ୟବହାର କରୁଛି, ଏବଂ ଏହା ମଧ୍ୟ ଦାବି କରିଥିବେ ଯେ ଗଣନା ପ୍ରକ୍ରିୟାରେ ନିୟୋଜିତ କିଛି ଅଧିକାରୀ ସେମାନଙ୍କ ନିୟୋଜିତ ସମ୍ପର୍କିତ ସୂଚନା ସେୟାର କରିଛନ୍ତି । ଶୁଭେନ୍ଦୁ ଅଧିକାରୀ ଏହା ମଧ୍ୟ କହିଛନ୍ତି ଯେ କିଛି ଓ୍ୱେବସିଟ୍ ଏବଂ ଲିଷ୍ଟ ସର୍କୁଲେଟ୍ ହେଉଛି,

ଯେଉଁଥିରେ ଅଧିକାରୀମାନେ ସ୍ୱୋଚ୍ଛାକୃତ ଭାବରେ କିମ୍ବା ଚାପରେ ସେମାନଙ୍କ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସହିତ ଜଡିତ ସୂଚନା ଦେଉଛନ୍ତି । ଏହି ସୂଚନାରେ ଗଣନା ପ୍ରକ୍ରିୟାରେ ସେମାନଙ୍କର ଭୂମିକା ମଧ୍ୟ ରହିଛି । ଏହା ନିର୍ବାଚନ ନିୟମର ଏକ ଗମ୍ଭୀର ଉଲ୍ଲଙ୍ଘନ ଏବଂ ଏହା ଅନେକ ସମସ୍ୟା ସୃଷ୍ଟି କରିପାରେ । ତାଙ୍କ ମତରେ ଯଦି କୌଣସି ଅଧିକାରୀଙ୍କ ମୁତୟନର ସୂଚନା ଏଭଳି ସଂଗଠନ ପର୍ଯ୍ୟନ୍ତ ପହଁଚିଥାଏ. ସାଧାରଣ ରାଜନୈତିକ ଦୁର୍ବଳତା ରହିଛି ତେବେ ତାଙ୍କ ଉପରେ ଚାପ ପକାଯାଇପାରେ କିମ୍ବା ପ୍ରଭାବିତ କରିବାର ଚେ

ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ବଣାଇଁରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ବଣାଇଁ, ୩/୫ (ଆ.ପ୍ର) : ଶ୍ରମ ଜାତି ମାନଙ୍କର ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି ସହିତ ସମାଜ ପ୍ରତି ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ସହରହେଣ୍ଡାରେ ଆଜି ବଣାଇଁର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ଅବସରରେ ବଣାଇଁ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରା ଯିବା ସହିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବଣାଇଁ ତାଲୁକ ଆଇନ ସହାୟତା କମିଟିର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ସବ୍ ଜଜ୍ ରଞ୍ଜନ କୁମାର ପ୍ରଧାନ ଯୋଗ ଦେଇ ଶ୍ରମିକ ମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ଲାଗି ବିଭିନ୍ନ ପଦକ୍ଷେପ ନେବାକୁ ଆଜି ର ଦିନ ଏକ ବିଶେଷ ଦିନ ବୋଲି କହିଥିଲେ । ବଣାଇଁ ଏସଡ଼ିଜେଏମ୍ ଅଭିନନ୍ଦନ ନନ୍ଦ, ଜେଏମଏଫସି କୋଇଲା ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ, ସହକାରୀ ଶ୍ରମ ଅଧିକାରୀ ସ୍ୱୟମ୍ ବିକାଶ ସାମଲ ଉପସ୍ଥିତ ରହି ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ ବୋଲି କହିଥିଲେ । ଶ୍ରମିକ ମାନେ ହେଲେ ରାଷ୍ଟ୍ର ନିର୍ମାତା ଶ୍ରମିକ ହସିଲେ ଦେଶ ହସିବ ତେଣୁ ସେମାନଙ୍କ ସୁରକ୍ଷା ପ୍ରଦାନ ପାଇଁ ସଚେତନତା ବୃଦ୍ଧି କରିବା ଉପରେ ସମସ୍ତେ ଆଗଉର ହେବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଏଡିଇଓ ବାବୁରାମ ମାହାନ୍ତ, ଜିନେନ୍ଦ୍ର ମହେଶ୍ୱର ନନ୍ଦି, ଆଇନଜୀବି ମାନସ ରଞ୍ଜନ ପତି, ଖଣ୍ଡାଧାର ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ମିଲନ ଚନ୍ଦ୍ର ମାହାନ୍ତ, ବଣାଇଁ ଶ୍ରମିକ ସଂଗଠନର ସଭାପତି ଏମଡି ଆଲାଉ ଅଂସାରୀ, ଉପସ୍ଥିତ ରହି ନିଜ ନିଜର ? ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଏବଂ ପୁରୁଷ ଶ୍ରମିକ ଉପସ୍ଥିତ ରହିଥିଲେ । ଶେଷରେ ବଣାଇଁ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ କାର୍ଡ ବଂଟନ କରାଯାଇଥିଲା ।

ପୁରୁଣା ଅଭିଯୁକ୍ତକୁ ଗିରଫ କଲା ଦଶପଲ୍ଲା ପୋଲିସ

ଦଶପଲ୍ଲା , ୩/୫ (ଆ.ପ୍ର) : ବାର୍ଗ ଦିନର ବ୍ୟବଧାନ ପରେ ଜଣେ ପୁରୁଣା ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ଦଶପଲ୍ଲା ପୋଲିସ । ବିଡ଼ାପାଲୁ ଅଂଚଳର ପରମେଶ୍ୱର ଜାନିକ ପୁଅ ଜିତେନ୍ଦ୍ର ଜାନିକୁ ପୋଲିସ ଗିରଫ କରି ଲୋର୍ଡ ବାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ସୂଚନା ଅନୁଯାୟୀ, ୨୦୧୮ ମସିହାରେ ଏକ ନାବାଳିକା ଅପହରଣ ମାମଲାରେ ଜିତେନ୍ଦ୍ର ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଥିଲା । ସେବେଠାରୁ ସେ ଫେରାର ଥିଲେ । ଗୋପନୀୟ ସୂତ୍ରରେ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁସ୍) ଜାରି କରାଯାଇଥିଲା । ନୟାଗଡ଼ ଏସପିଙ୍କ ନିର୍ଦ୍ଦେଶକ୍ରମେ ଅପରାଧୀଙ୍କୁ ଧରିବା ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅଧୀନରେ, ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପଟିତାଙ୍କ ନେତୃତ୍ୱରେ ଟିମ୍ ଚଢ଼ାଇ କରି ଜିତେନ୍ଦ୍ରକୁ ଗିରଫ କରିଥିବା ଜଣାପଡିଛି ।

ମଝି ରାସ୍ତାରେ ବେପାର, ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ

ଯାଜପୁର, ୩/୫ (ଆ.ପ୍ର) : ଯାଜପୁର ସହରର ଅଧିକାଂଶ ରାସ୍ତାକୁ ଏବେ ଭଠା ଦୋକାନୀମାନେ ଜବରଦଖଲ କରି ରଖିଛନ୍ତି । କିଏ ନିଜର ଠେଲା ଗାଡିକୁ ରାସ୍ତା ଉପରେ ରଖି ବେପାର କରୁଛି ତ ଆଉ କିଏ ମଝି ରାସ୍ତାରେ ବସି ବେପାର କରୁଥିବାର ଦେଖାଯାଉଛି । ଏହି ଭଠା ଦୋକାନୀଙ୍କ ପାଖକୁ ଆସୁଥିବା ଗ୍ରାହକ ମଝି ରାସ୍ତାରେ ଗାଡି ଛିଡ଼ା କରି ଖାଲଆସନ୍ତି । ଫଳରେ ଅଧିକାଂଶ ରାସ୍ତା ଦିନ ତମାମ ଜାମ ରହୁଛି । ଯାଜପୁର ଟାଉନ ପୁଲିସ ଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ, ଯାଜପୁର ପୌରପାଳିକା ପର୍ଯ୍ୟନ୍ତ ସମସ୍ତେ ଦେଖୁଛନ୍ତି । ହେଲେ ରାସ୍ତା ଉପରେ ପସରା ମେଲାଇ ବସିଥିବା ଭଠା ଦୋକାନୀଙ୍କୁ କିପରି ଅତ୍ରାଇବ ସେଥିପାଇଁ କାହାର ନିଗା ନାହିଁ । ଯାଜପୁର ନେଇ ସାଧାରଣ ଚିନ୍ତା ଅସନ୍ତୋଷ ଦେଖାଦେଇଛି । ଏପରିକି ବାଜାରୁ ଆସୁଥିବା ଲୋକମାନେ ସେମାନଙ୍କର ଗାଡିଟିକୁ ରାସ୍ତାକଡରେ ଛିଡ଼ା କରିବା କଷ୍ଟକର ହୋଇପଡୁଛି । ମୁଖ୍ୟତଃ ସହରର ଜନଗହଳି ସ୍ଥାନ ଗୁଡ଼ିକରେ ଭଠା ଦୋକାନି ମାନେ ପସରା ମେଲାଇ ବସିଥିବାରୁ ଅଧିକାଂଶ ସମୟରେ ସହରର ମୁଖ୍ୟ ଛକ ଗୁଡ଼ିକରେ ଟ୍ରାଫିକ୍ ଜାମ ରହୁଛି । ହେଲେ ପୁଲିସ ଓ ପୌର କର୍ତ୍ତୃପକ୍ଷ ଏହାକୁ ଦେଖୁଥିଲେ ମଧ୍ୟ ମୁହଁ ଖୋଲୁନାହାନ୍ତି । ମୁଖ୍ୟତଃ ମେଡିକାଲ ଛକ ଠାରୁ ବିରଜା ମହିଳା ମହାବିଦ୍ୟାଳୟ ରାସ୍ତାଟି ସଳାଳ ୭ଟା ଠାରୁ ଦିନ ୧ଟା ଏବଂ ଅପରାହ୍ନ ୫ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ଜାମ ରହୁଛି ।ତେବିଛି ଦିନ ତଳେ ରାଷ୍ଟ୍ରପତିଙ୍କ ଯାଜପୁର ଗ୍ରସ୍ତ ପୂର୍ବରୁ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତା କଡ଼ରେ ବସୁଥିବା ଭଠା ଦୋକାନୀଙ୍କୁ ଭଠାଳ ଦିଆଯାଇ ରାସ୍ତାକଡ଼ରେ ଚାଉ ବାଡ଼ ବସାଯାଇଥିଲା । କିନ୍ତୁ ଏବେ ଚାଉ ଚାଡ଼ ଦାହାରେ ରାଣ୍ଡା ରାଣ୍ଡା ଉପାଦୋକାନୀ ବସୁଛନ୍ତି । କିଏ ରାସ୍ତା ମଝିରେ ଛତା ମାଡି ପରିବୁ ବିକୁଛି ତ ଆଉ କିଏ ଠେଲା ଗାଡିରେ ଚା, ଜଳଖୁଆ ବିକୁଛି । ସେହିପରି ବିଦ୍ୟାଳୟର ଓ ସିଂହପୁର ଅଂଚଳକୁ ଯିବା ଆସିବା କରୁଥିବା ଯାତ୍ରାବାହୀ ବସ ଓ ମାଲ ବୋଝେଇ ଗାଡ଼ି ଗୁଡ଼ିକ ଏହି ଲିଡ଼କୁ ଅତିକ୍ରମ କରିବା ପାଇଁ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ସମୟ ଲାଗୁଛି । ଫଳରେ ଏହି ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟକର ହେଉଛି । ସବୁଠାରୁ ବଡ଼ କଥା ହେଉଛି ବିରଜା ମହିଳା ମହାବିଦ୍ୟାଳୟର ସମ୍ମୁଖରେ ଏହି ଲିଡ଼ ଲାଗି ରହିଥିବାରୁ ଛାତ୍ରୀମାନେ କଲେଜ ଭିତରକୁ ଯିବା ଆସିବା କରିବା କଷ୍ଟକର ହେଉଛି । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଯୋଡ଼ିକୁଣ୍ଡ ଛକ, ଗାନ୍ଧୀ ଛକ, କୋର୍ଟ, ପୋଷ୍ଟ ଅଫିସ, ଜିଲ୍ଲା ସ୍କୁଲ, ବଡ଼ବଜାର ସାମ୍ନାରେ ଦୋକାନୀ ରାସ୍ତା ଉପରେ ବସୁଥିବାରୁ ଏହି ରାସ୍ତାରେ ଯିବା ଆସିବା କରିବାରେ ଅସୁବିଧା ହେଉଛି । ଯାଜପୁର ଟାଉନ ପୁଲିସ, ଯାଜପୁର ପୌର ପାଳିକା, ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ରାସ୍ତା ଅବରୋଧ କରୁଥିବା ଭଠା ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ସେପ୍ଟେମ୍ବର ୧ରୁ ସ୍ୱାଧୀ ଋତୁମ୍ଭରାଙ୍କ ପୁରୀରେ ଭାଗବତ କଥା

ପୁରୀ, ୩/୫ (ଆ.ପ୍ର) : ଉତ୍ତରପ୍ରଦେଶ ବୃନ୍ଦାବନ ସ୍ଥିତ ବାସନ୍ତ୍ୟ ଗ୍ରାମ ପରମ ଶକ୍ତିପୀଠ ତପୋଭୂମି ବଳିଆ ପଷ୍ଠା ସ୍ଥିତ ସେଲେନ ହିଲ ହୋଟେଲ ପରିସରରେ ଚାଳିତ ବର୍ଷ ୧ ସେପ୍ଟେମ୍ବରରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ସାପ୍ତାହିକ ଶ୍ରୀମଦ୍ ଭାଗବତ କଥା ଆୟୋଜିତ ହେବାକୁ ଯାଉଛି । କଥା ବ୍ୟାସ ରୂପେ ଭାରତ ବର୍ଷର ଚର୍ଚ୍ଚିତ ଚେହେରା ଉତ୍ତରପ୍ରଦେଶ ବୃନ୍ଦାବନ ସ୍ଥିତ ବାସନ୍ତ୍ୟ ଗ୍ରାମ ପରମ ଶକ୍ତିପୀଠର ମୁଖ୍ୟ ଦିଦିମା ତଥା ଶ୍ରୀଗୁରୀ ମନ୍ଦିର ଆନ୍ଦୋଳନର ମୁଖ୍ୟ ନାୟିକା ପଦ୍ମ ଭୂଷଣ ସ୍ୱାଧୀ ଋତୁମ୍ଭରା ଜୀ ନିଜର ଖିଜଦ୍ୱିନୀ ଶବ୍ଦ ସଂଯୋଜନା ମାଧ୍ୟମରେ ଭାଗବତ କଥା ଦାନ କରିବେ । ଏହି ପରିପ୍ରେକ୍ଷୀରେ ପୁରୀ ସର୍କିଟ ହାଉସ ଠାରେ ପୁରୀ ଲୋକରକ୍ଷା ସଂଘର ଜଣ ସମିତ ପାତ୍ରଙ୍କ ଅଧ୍ୟକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶକ୍ତିପୀଠର ସ୍ୱାଧୀ ଶିରୋମଣୀ ଜୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଜୟ ଭରବାନ ଅଗ୍ରୱାଲ,ଓଡିଶା ର ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ରମେଶ ଖଣ୍ଡେଲୱାଲ, ରାଜେଶ ଦାସ, ପ୍ରଶାନ୍ତ ସାହୁ, ବେଲ୍ଲୁ ଗାନ୍ଧୀ, ଗଣମାଧ୍ୟମ ସଂଯୋଜକ ବରିଷ୍ଠ ସାମ୍ବାଦିକ ବିଷ୍ଣୁବ୍ରତ ଦାସ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଏହି ସପ୍ତ ଦିବସିୟ କାର୍ଯ୍ୟକ୍ରମ ରେ ଦେଶ ବିଦେଶରୁ ୧ ହଜାର ଶ୍ରଦ୍ଧାଳୁଙ୍କ ସମେତ ସାଧୁ, ସନ୍ତ, ଜଗଦଗୁରୁ, ନେତ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡିଶାର ମନ୍ତ୍ରୀ ମଣ୍ଡଳ ସଦସ୍ୟ, ବିଜିନ୍ନ ରାଜ୍ୟର ସାଂସଦ ଶ୍ରଦ୍ଧାଳୁ ରୂପେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପୁରୀ ଧାମରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୁରୀରେ ପଗଡ଼ୀ ଏକର ଜମିରେ ବୃନ୍ଦାବନର ବାସନ୍ତ୍ୟ ଗ୍ରାମ ଭଳି ଜନ୍ୟ ସନ୍ତାନ ବାଳିକା ମାନଙ୍କ ସାମାଜିକ ଶିକ୍ଷା ମହାବିଦ୍ୟାଳୟ ମାଧ୍ୟମରେ ପ୍ରଶିକ୍ଷିତ କରାଯାଇ ଦେଶର ସେନା ବାହିନୀରେ ନିଯୋଜିତ କରିବାର ଲକ୍ଷ ରଖାଯାଇଛି ବୋଲି ଦେଢେକ ରେ ଆଲୋଚନା କରାଯାଇଥିଲା । ବୈଠକ ପରେ ପ୍ରତିନିଧି ମଣ୍ଡଳୀ ପୁରୀ ଏସପି ପ୍ରତୀକ ସିଂହ ସହିତ ସୁରକ୍ଷା ପାଇଁ ଆଲୋଚନା କରିଥିଲେ ।

ସ୍କୁଲ ପରିସରରେ ରାତ୍ରୀ ଜଗୁଆଳଙ୍କ ସନ୍ଦେହ ଜନକ ମୃତ୍ୟୁ

ଏରସମା, ୩/୫ (ଆ.ପ୍ର) : ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଂଚାୟତ ଜନାର୍ଦ୍ଦନପୁର ଗ୍ରାମର ଶ୍ରୀନିବାସ ମିଶ୍ର ସରକାରୀ ପଂଚାୟତ ହାଇସ୍କୁଲ ବାଲିଗୁଡରେ ବାର୍ଗ ଦିନ ହେବ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ । ନିୟମିତ ଅନୁସାରେ ସବୁଦିନ ପରି ଶୁକ୍ରବାର ଚଟୁଆ ସ୍ଥିତ ଜନାର୍ଦ୍ଦନପୁର ବାସ ଭବନରୁ ଡିଉଟିକାର୍ଯ୍ୟକ୍ରମ ସାରି ସବୁଦିନ ପରି ସଂଧ୍ୟାରେ ପଂଚାୟତ ହାଇସ୍କୁଲ ବାଲିଗୁଡରେ କର୍ମଚାରୀଙ୍କ ପଞ୍ଜିକିରେ ପଞ୍ଜିକିରେ । କିନ୍ତୁ ରାତାରାତ ବିଚମନ୍ତା ଗାଡ଼ିରେ ଚିତ୍ରପୁରି କରିଲେ । ଶନିବାର ସକାଳେ ସ୍କୁଲ ପରିସରରୁ ଶିକ୍ଷକ ଶିକ୍ଷୟିତ୍ରୀ ଆସିବା ପରେ ସ୍କୁଲ ରାତ୍ର ଜଗୁଆଳ ଶ୍ରେଣୀ ରୁମ କକ୍ଷରେ ଥିବା ଆସବାବ ତାଳରେ ଛୋଟ ପାଣି ମରତ ଚଦର ପାଇବି ଯୋଗେ ସ୍କୁଲର ଅଦପ୍ତରରେ ଦେଖିବାକୁ ପାଇଥିଲେ ।ଘଟଣା ସ୍ଥଳରେ ଚର ଖଣ ସ୍କୁଲର ପ୍ରଧାନ ଶିକ୍ଷକ, ବାଲିଗୁଡ ପଂଚାୟତ ସରପଂଚ,ସ୍କୁଲ ପରିଚାଳନା କମିଟିକୁ ଅବଗତ କରିଥିଲେ । ଘଟଣା ସ୍ଥଳରେ ସମସ୍ତେ ପଞ୍ଜିକି ସାରିବା ପରେ ପରିବାର ର କୁଟୁମ୍ବ ଆମ ଅଧିକାରିଙ୍କୁ ଜାଳିବାସର ମୃତ୍ୟୁ ହେଉଛୁଥିବା କଥା ଅବଗତ କରାଇଥିଲେ । କୁଟୁମ୍ବ ଆମ ଅଧିକାରୀ ସ୍କୁଲ ପରିସରରେ ପଞ୍ଚିକି ସ୍କୁଲର ସିଟି ଟିକି ଫୁଟେଗେଟେଲ ସାଂଚ ସହିତ ସାଇବରିଫିକ୍ ଟିମ ଆସି ତଦନ୍ତ ଜାରି ସହିତ ଶବକୁ ବେବଛେଦ ପାଇଁ କୁଟୁମ୍ବ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି । ସ୍କୁଲ ପରିସରରେ କିଛି ସମୟ ପାଇ ଚପା ଉତେଜନା ଦେଖିବାକୁ ମିଳିଥିଲା । ଏହି ଘଟଣାରେ କୁଟୁମ୍ବ ପୋଲିସ ଆମରେ ଶ୍ରୀଜିବାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ମିଶ୍ର ଘଟଣାର ସତ୍ୟତାକୁ ଜାରି ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ଆମରେ ଅଭିଯୋଗ କରିଛନ୍ତି ।

ସାମ୍ବାଦିକଙ୍କ ତିନିଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓୟୁଜେ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର, ୩/୫ (ଆ.ପ୍ର) : ସାମ୍ବାଦିକମାନଙ୍କର ତିନିଦଫା ଦାବି ପ୍ରତିବାଦରେ ରାଜ୍ୟ ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ସଭାପତି ପ୍ରଶନ୍ତ ମହାନ୍ତିଙ୍କ ନିର୍ଦ୍ଦେଶରେ ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ଓ ଶୋଭାଯାତ୍ରା ପାଳନ କରାଯିବା ସହ ଏକ ବାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ତେବେ ଜାତୀୟ ଶ୍ରମିକ ଦିବସ ଅବସରରେ ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିୟନର ଶତାଧିକ ସାମ୍ବାଦିକ ରାଲିକାମାନେ ଏକତ୍ରିତ ହୋଇ କଳା ବ୍ୟାଜ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଛନ୍ତି । ମୁଖ୍ୟତଃ ସାମ୍ବାଦିକ ମାନଙ୍କ ପେନସନ, ସୁରକ୍ଷା ଆଇନ ଓ ଅଧିସ୍ୱୀକୃତୀ ଦାବି ଗୁଡ଼ିକୁ ନେଇ ଏହି ପ୍ରତିବାଦ ହୋଇଥିଲା । ଓଡ଼ିଶା ସାମ୍ବାଦିକ ୟୁନିୟନର ପୂର୍ବତନ ଉପସଭାପତି ରାଜୀବ ମହାନ୍ତି, ଯାଜପୁର ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ଅରୁଣ କୁମାର ରାଉତରାୟ ଓ ଜିଲ୍ଲା ସାଧାରଣ ସଂପାଦକ ଚନ୍ଦ୍ର ଶେଖର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭା ହୋଇ ଥିବାବେଳେ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ତିନିନ୍ନୁ ଶ୍ଳୋଗାନ ଦେଇ ସହରସ୍ଥ ଗାନ୍ଧୀଛକ ଠାରେ ଗାନ୍ଧୀ ମୂର୍ତ୍ତିଙ୍କ ନିକଟରେ ପଞ୍ଚଂଚି ଗାନ୍ଧୀଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୯ ଘଂଟାରୁ ପ୍ରତିବାଦ ସଭା ଆରମ୍ଭ ହୋଇ ମଧ୍ୟାହ୍ନ ୧ ଘଂଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ପୂର୍ବ ସରକାରଙ୍କ କାର୍ଯ୍ୟକାଳ ସମୟରେ ସାମ୍ବାଦିକମାନଙ୍କ ପ୍ରତି ଯେଉଁଭଳି ଆକ୍ରମଣ କରାଯାଉଥିଲା ଠିକ ସେହିପରି ବର୍ତ୍ତମାନର ସରକାରଙ୍କ ସମୟରେ ମଧ୍ୟ ଚାଲିଛି । ତେବେ ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ବିପନ୍ନ ହୋଇ ପଡିଛି । ଏଥି ସହିତ ରାଜ୍ୟ ସରକାରଙ୍କୁ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବି ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସୁରକ୍ଷା ଓ ୧୬ ବର୍ଷ ଧରି ଶାତନ ଭୋଗୁଥିବା ସାମ୍ବାଦିକ ପ୍ରତି ସରକାରଙ୍କ ଉଦାସୀନତା ପ୍ରତି ଉଦ୍ଦେଶ୍ୟ କରି ଜିଲ୍ଲାପାଳ ଅମ୍ବର କୁମାର କଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।

ଏନ୍‌ଇଇଟି (ୟୁ ଜି) ୨୦୨୬ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ସ୍ନାତକୋତର) ସଫଳତାର ସହ ସମ୍ପନ୍ନ

ନବରଙ୍ଗପୁର, ୩/୫ (ଆ.ପ୍ର) : ଆଜି ନବରଙ୍ଗପୁର ଜିଲ୍ଲାର ଛାତ୍ର ଛାତ୍ରୀ ମାନେ ମେଡିକାଲ ଚିକିତ୍ସା ପାଠ୍ୟକ୍ରମରେ ଭର୍ତ୍ତି ହେବା ପାଇଁ ସାରା ଭାରତ ବର୍ଷରେ ଅନୁଷ୍ଠିତ ହେଉଥିବା NEET (ଟଏ)୨୦୨୬ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ଦେଇଥିଲେ । ଜିଲ୍ଲାର ନବରଙ୍ଗପୁର ସହରର ଆର୍‌ପିଟି ହାଇସ୍କୁଲ ଏବଂ ସିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ବୁଲଟି ଶିକ୍ଷା ଅନୁଷ୍ଠାନକୁ ଏନ୍‌ଟି (ଜାତୀୟ ପରୀକ୍ଷା ସଂସ୍ଥା) ମନୋନୀତ କରିଥିଲା । ଏହି ଜାତୀୟ ସ୍ତର ପରୀକ୍ଷା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସୂମନ୍ୱୟ କମିଟି ଗଠନ ହୋଇ ଦୋତାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ମାଜିଷ୍ଟ୍ରେଟ ଡ଼ୁଟି ଅଧିକାରୀ ରୂପେ ନବରଙ୍ଗପୁର ତହସିଲଦାର ଲୁଲେଶ୍ୱର ନାୟକ ଏବଂ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଭାସ ମହାନନ୍ଦିଆ ଦାୟିତ୍ୱ ବୁଲାଇଥିଲେ ତେବେ ପୋଲିସ ନୋଡାଲ ଅଧିକାରୀ ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଏବଂ ଡିଏସପି (ଡିଆଇବି) ବିନୋଦ ଲାଚ୍ଚା ଶାନ୍ତି ଶୃଙ୍ଖଳା, ଟ୍ରାଫିକ,ପାର୍କିଂ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଥିଲେ । ସିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୨୩୦ ଜଣ ଏବଂ ଆର୍ ସି ଡି ହାଇସ୍କୁଲ ରେ ୨୪୦ ଜଣ ପରୀକ୍ଷାର୍ଥୀଙ୍କ ବ୍ୟବସ୍ଥା କରାଯାଇଥିଲା । ପରୀକ୍ଷା ଯେଉଁଭଳି ସୁଚାରୁ ରୂପେ ଏବଂ ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ଏଥିପାଇଁ ଜିଲ୍ଲାପାଳ ବୃ ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବହ ବର୍ମନ, ପ୍ରଶାସନ ନୋଡାଲ ଅଧିକାରୀ ସୋଲେନ ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଏବଂ ଅନ୍ୟ ଅଧିକାରୀ ପୂର୍ବରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକ ପରୀକ୍ଷା କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା,ବିଦ୍ୟୁତ ସରବରାହ,ବିଦ୍ୟାର୍ଥୀ ପାଇଁ ହୁଇଲ ଚେୟାର, ଅଗ୍ନିଶମ, ସିସିଟିଭି, ଯାମର,ଡି ଜି କ୍ୟାଳଅପ,ପାର୍କିଂ ଓ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିଥିଲେ । ଏହି ପରୀକ୍ଷା ଅପରାହ୍ନ ୨.୦୦ ଘ ରୁ ଆରମ୍ଭ ହୋଇ ୫.୦୦ ଘ ପର୍ଯ୍ୟନ୍ତ ହୋଇଥିଲା ଏବଂ ୧୮୦ ଟି ପ

ଶୈତ୍ୟତ୍ତ
ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ସ୍ୱର୍ଗତ ଅମର ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ବାଲେଶ୍ୱର, ୦୩/୦୫(ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ସାମ୍ବାଦିକ ସ୍ୱର୍ଗତ ଅମର ନନ୍ଦଙ୍କ ସ୍ମୃତିଚାରଣ ସଭା ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଭାପତିତ୍ୱ କରିଥିଲେ ବିବଙ୍ଗତ ସାମ୍ବାଦିକ ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ତଥା ଧୃତି ପ୍ରତିଭୂତିର ପରିଚାଳନା ନିର୍ଦ୍ଦେଶକ ସୃଷ୍ଟି ଧରି ପରିଡା ଯୋଗଦେଇ କହିଲେ କି ଆମର ନନ୍ଦଙ୍କ ଭଳି ଇଦ୍ର ଓ ନମ୍ରଭାବାପନ୍ନ ବ୍ୟକ୍ତି ମିଳିବା କଷ୍ଟକର । ସେ ଜେଦକୁ ଜଣେ ସାମ୍ବାଦିକ ନଥିଲେ ସେ ଏକାଧାରରେ ଜଣେ ଭଲ ସମାଜସେବୀ ଥିଲେ । ସଭାନିତ ଅତିଥି ଭାବରେ ଦୈନିକ ଖବରକାଗଜ 'ସେଠୋ ଆରମ୍ଭ'ର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ସାମ୍ପ୍ରତିକ ସମୟରେ ଏଭଳି ସଂଗଠନର ଆବଶ୍ୟକତା ଥିବାରୁ ସଭାପତି ଓ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇଥିଲେ । ସ୍ୱର୍ଗତ ଅମର ନନ୍ଦ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ବିଶ୍ୱ ସାମ୍ବାଦିକ ଦିବସରେ ସାମ୍ବାଦିକ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ କି ଆମେ ସତର୍କ ଓ ସଚେତନ ରହିବେ ସାମ୍ବାଦିକତା ବୃତ୍ତିରେ ଲାଗିଥିବା ଅପବାଦରୁ ମୁକୁଳି ପାରିବା । ଯାହା ଅନ୍ୟଠୁ ନୁହେଁ ନିଜଠୁ ଆରମ୍ଭ ହେଉ ବୋଲି ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ସ୍ୱର୍ଗତ ଅମର ନନ୍ଦଙ୍କ ବାଳ୍ୟବନ୍ଧୁ ଶିକ୍ଷାବିତ୍ ସୟାଧାର ଜର ଯୋଗଦେଇ ତାଙ୍କ ପିଲାଦିନର ସ୍ମୃତି ବଖାଣିଥିଲେ । ସମାଜ ସେବୀ ଅଖିଳ ତରେଜ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ । ଅମର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ବରିଷ୍ଠ ସାମ୍ବାଦିକ ତଥା ପରିବାର ଅବାଳତର ପରାମର୍ଶଦାତା ଶିବଦାସ କୁଣ୍ଡୁଙ୍କୁ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଉତ୍ତରରେ ଶ୍ରୀଯୁକ୍ତ କୁଣ୍ଡୁ କହିଥିଲେ କି, ବିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ଏଭଳି ପ୍ରୟାସ ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ । ଜଣେ ବିବଙ୍ଗତ ସାମ୍ବାଦିକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କୁ ସମ୍ମାନିତ କରାଯାଇଥିବାରୁ ସେ କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ସ୍ମୃତିଚାରଣ ସଭାରେ ସାମ୍ବାଦିକ ବିଦ୍ୟାଧର ମହାନ୍ତି, ତ୍ରିଲୋଚନ ମହାନ୍ତି, ଚିତ୍ରିତ ନାୟକ, ସମିତ ବେହେରା, ସ୍ମୃତି କମିଟିର ସମ୍ପାଦକ ଗଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅମର ନନ୍ଦଙ୍କ ବହୁବିଧ ଗୁଣାବଳୀ ବାଦବରେ ସ୍ମୃତିଚାରଣ କରିଥିଲେ । ତ୍ରିଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଉପକୂଳରୁ ନାଭାଲ ଆଂଟି-ଶିପ୍ ମିସାଇଲର ସଫଳ ପରୀକ୍ଷଣ



ବାଲେଶ୍ୱର, ୦୩/୦୫(ଆ.ପ୍ର) : ଭାରତର ପ୍ରତିରକ୍ଷା ବିଭାଗ ଆଜ ଏକ ବଡ଼ ସଫଳତା ହାସଲ କରିଛି । ଓଡ଼ିଶା ଉପକୂଳସ୍ଥ ପ୍ରତିରକ୍ଷା କେନ୍ଦ୍ରରୁ ଦୂରଗାମୀ ହାଇପରସୋନିକ୍ ନାଭାଲ ଆଂଟି-ଶିପ୍ ମିସାଇଲ୍ ର ଫେଜ୍-୨ ପରୀକ୍ଷଣ ସଫଳତାର ସହ ଗତକାଲି କରାଯାଇଛି । ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ ଦ୍ୱାରା ନିର୍ମିତ ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ଶତ୍ରୁପକ୍ଷର ଯୁଦ୍ଧ ଜାହାଜକୁ ଧ୍ୱଂସ କରିବାରେ ସମ୍ପୂର୍ଣ୍ଣ ସକ୍ଷମ । ପରୀକ୍ଷଣ ସମୟରେ ମିସାଇଲଟି ନିଜର ପୂର୍ବ ନିର୍ଦ୍ଧାରିତ ପଥରେ ଗତି କରି ସଫଳତାର ସହ ଲକ୍ଷ୍ୟଭେଦ କରିଥିଲା । ମିସାଇଲର ମୁଖ୍ୟ ବୈଶିଷ୍ଟ୍ୟ ହେଲଛି ପ୍ରାୟ ୧୫୦୦ କିଲୋମିଟର ଦୂରେ ଥିବା ଶତ୍ରୁର ଲକ୍ଷ୍ୟଭେଦ କରିପାରିବ । ଶବ୍ଦର ବେଗ ଠାରୁ ୫ରୁ ୧୦ ଗୁଣ ଅଧିକ ବେଗରେ ଏହା ଗତି କରିଥାଏ । ଏହି ଅତ୍ୟଧିକ ବେଗ ଯୋଗୁଁ ଏହାକୁ ଶତ୍ରୁପକ୍ଷର ରାଡାର୍ ବା ପ୍ରତିରକ୍ଷା ପ୍ରଣାଳୀ ଧରିବା ଅସମ୍ଭବ । ସମୁଦ୍ର ମଧ୍ୟରେ ସ୍ଥିର ବା ଗତିଶୀଳ ଯୁଦ୍ଧ ଜାହାଜକୁ ସଠିକ୍ ଭାବେ ନଷ୍ଟ କରିବା ପାଇଁ ଏହା ଡିଜାଇନ୍ କରାଯାଇଛି । ଏହି ସଫଳତା ସହ ଭାରତ ବର୍ତ୍ତମାନ ବିଶ୍ୱର ସେହି ଅଳ୍ପ କେତେକ ଦେଶ ମଧ୍ୟରେ ସାମିଲ ହୋଇଛି, ଯେଉଁମାନଙ୍କ ପାଖରେ ହାଇପରସୋନିକ୍ ପ୍ରଯୁକ୍ତିବିଦ୍ୟା ରହିଛି । ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡି.ଆର.ଡି.ଓ ଓ ଭାରତୀୟ ନୌସେନାର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ
ବାଲେଶ୍ୱର ଜିଲ୍ଲାରେ ପାସ୍ ହାର ୯୭.୭୧%

ବାଲେଶ୍ୱର, ୦୩/୦୫(ଆ.ପ୍ର) : ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତକାଲି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏ ବର୍ଷ ଏହି ବାର୍ଷିକ ଭଳ ବିଦ୍ୟାଳୟ ମାଟ୍ରିକେଟ୍ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି । ବାଲେଶ୍ୱର ଜିଲ୍ଲାର ପାସ୍ ହାର ରହିଛି ୯୭.୭୧ ପ୍ରତିଶତ, ଯାହା ରାଜ୍ୟ ହାର ୯୫.୩ ପ୍ରତିଶତ ଠାରୁ ଯଥେଷ୍ଟ ଅଧିକ । ଏଥିସହ ଉତର ଓଡ଼ିଶା ଜିଲ୍ଲା ପୁରିକ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଶୀର୍ଷକ ରହିଛି । ଭଲ୍ଲେଖଯୋଗ୍ୟ ଯେ ଏ ବର୍ଷ ଉତ୍ତର, କେନ୍ଦୁଝର, ମୟୂରଭଞ୍ଜକୁ ପଛରେ ପକାଇଛି ବାଲେଶ୍ୱର ଜିଲ୍ଲା । ମିଳିଥିବା ତଥ୍ୟ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରୁ ମୋଟ ୩୧,୦୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ । ଏଥିରୁ ୬୨୬ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ । ମୋଟ ୨୯ ହଜାର ୭୧୬ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ଜିଲ୍ଲାରେ ୧୪ ହଜାର ୭୭୬ ଜଣ ଛାତ୍ର ଏବଂ ୧୪ ହଜାର ୯୫୦ ଜଣ ଛାତ୍ରୀ ପାସ୍ କରିଛନ୍ତି । ତେବେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ ରହିଛନ୍ତି । ସେହିପରି ଗ୍ରେଡ୍ ଭିତିରେ ଜିଲ୍ଲାରେ ୩୦୫ ଜଣ ଏ-୧, ୧୬୯୪ ଜଣ ଏ-୨, ୪ ହଜାର ୫୩ ଜଣ ବି-୧ ଏବଂ ୬ ହଜାର ୨୩ ଜଣ ବି-୨ ଗ୍ରେଡ୍ ପାଇଛନ୍ତି । ଜିଲ୍ଲାରେ ମୋଟ ୫୨୪ଟି ସ୍କୁଲ୍ ପରୀକ୍ଷାରେ ସାମିଲ ହୋଇଥିଲା । ଅନ୍ୟପଟେ ଉତ୍ତର ଓଡ଼ିଶାର ୪ଟି ପ୍ରମୁଖ ଜିଲ୍ଲାର ପାସ୍ ହାର ଅପେକ୍ଷା ବାଲେଶ୍ୱର ଆଗରେ ରହିଛି । ବାଲେଶ୍ୱର ୯୭.୭୧ ପ୍ରତିଶତ ରଖିଥିବା ତେବେ ମୟୂରଭଞ୍ଜ ୯୭.୫୨ ପ୍ରତିଶତ ଏବଂ ୩୧ ହଜାର ୭୩୨ ଜଣଙ୍କ ମଧ୍ୟରୁ ୩୦ ହଜାର ୨୧୩ ଉତୀର୍ଣ୍ଣ । ସେହିପରି ଭଦ୍ରକ ୯୬.୦୧ ପ୍ରତିଶତ ରଖିଥିବା ୨୧ ହଜାର ୭୨୪ ଜଣଙ୍କ ମଧ୍ୟରୁ ୨୦ ହଜାର ୪୯୯ ଉତୀର୍ଣ୍ଣ ଏବଂ କେନ୍ଦୁଝର ଜିଲ୍ଲାରେ ୯୪.୩୫ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ୨୫ ହଜାର ୧୫୯ ଜଣଙ୍କ ମଧ୍ୟରୁ ୨୩ ହଜାର ୨୮ ଜଣ ଉତୀର୍ଣ୍ଣ ହୋଇଛନ୍ତି । ଏହି ତଥ୍ୟ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଉତର ଓଡ଼ିଶାରେ ସବୁଠୁ ଆଗରେ ରହିଛି । ମୟୂରଭଞ୍ଜ ଜିଲ୍ଲା ଠାରୁ ବାଲେଶ୍ୱର ୦.୧୯ ପ୍ରତିଶତ ଆଗରେ ଅଛି । ରାଜ୍ୟ ହାର ୯୫.୩ ପ୍ରତିଶତ ତୁଳନାରେ ବାଲେଶ୍ୱର ୨.୪୧ ପ୍ରତିଶତ ଅଧିକ ପାସ୍ ହାର ହାସଲ କରିଛି । ତେବେ ରାଜ୍ୟରେ ଗଜପତି ଜିଲ୍ଲା ୯୯.୩୧ ପ୍ରତିଶତ ସହ ଶୀର୍ଷରେ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲା ୯୭.୭୧ ପ୍ରତିଶତ ସହ ରାଜ୍ୟର ଅଗ୍ରଣୀ ଜିଲ୍ଲା ମଧ୍ୟରେ ରହିଛି । ୫୮୮ ନମ୍ବର ରଖି ସୋର ଲେସି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବାଲେଶ୍ୱର ଜିଲ୍ଲା ସ୍ତରୁ ସୋଲହାବାଦେଲେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅଳିକେତ ପାତ୍ର (୫୮୬) ନମ୍ବର ଏବଂ ୫୮୨ ନମ୍ବର ରଖି ଆୟୁଷ୍ମାନ ଦାସ ତୃତୀୟ ହୋଇଛନ୍ତି । ପରୀକ୍ଷା ଫଳ ପ୍ରକାଶ ପରେ ଜିଲ୍ଲାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି । ଶିକ୍ଷା ବିଭାଗ ପକ୍ଷରୁ ସଫଳ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଯାଇଛି ।

ଶିକ୍ଷକତା ବୃତିରୁ ଅବସର ନେଲେ ଓଡିଶାର ସୁଖ୍ୟାତ ଗାଳ୍ପିକ ଅଞ୍ଜନ ଚାନ୍ଦ
ବିଦାୟ ସଭାରେ ଲୋକାର୍ପିତ ହେଲା ଗଳ୍ପ ସଂକଳନ 'ଗୋଟିଏ ଜଳଯାତ୍ରାର କାହାଣୀ'

ବାଲେଶ୍ୱର, ୦୩/୦୫(ଆ.ପ୍ର) : ଓଡ଼ିଶାର ଜଣେ ସୁପରିଚିତ ଗାଳ୍ପିକ ଅଞ୍ଜନ ଚାନ୍ଦ ଅଣ୍ଟା ନିଜର ଶିକ୍ଷକତା ବୃତିରୁ ଅବସର ଗ୍ରହଣ କରିଛନ୍ତି । ସେ ବାଲେଶ୍ୱର ଜିଲ୍ଲାର ବଲୁଗାଁସି ସ୍ଥିତ ଜାଳଗିରି ରୋଡ୍ ଜାତୀୟ ସ୍କୁଲରେ ବରିଷ୍ଠ ସଂସ୍କୃତ ଶିକ୍ଷକ ଭାବେ ଦୀର୍ଘ ୩୫ ବର୍ଷ ଧରି ଶିକ୍ଷକତା କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟି, ପୂରାତନ ଛାତ୍ର ସଂସଦ, ବଲୁଗାଁସି ଗ୍ରାମ ପଂଚାୟତ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଚାନ୍ଦଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଗାଳ୍ପିକ ଶ୍ରୀ ଚାନ୍ଦଙ୍କ ଷଷ୍ଠ ଗଳ୍ପ ସଂକଳନ 'ଗୋଟିଏ ଜଳଯାତ୍ରାର କାହାଣୀ' ଉନ୍ମୋଚିତ ହୋଇଥିଲା । ସମ୍ବର୍ଦ୍ଧନା ସଭାର ଏହା ଥିଲା ଅନ୍ୟତମ ଆକର୍ଷଣ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ପ୍ରଶାନ୍ତ ଦାସ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ସେ କହିଥିଲେ, 'ଶିକ୍ଷକତା ସହିତ ନିରନ୍ତର ଲେଖନୀ ଚାଳନା କରି ଶ୍ରୀ ଚାନ୍ଦ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସୁପରିଚିତ ଗାଳ୍ପିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।' ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ମାର୍କଣ୍ଡ ଚରଣ ସେଠୀ, ବାଲେଶ୍ୱର ଷଷ୍ଠାର ପୂର୍ବତନ ସଭାପତି ଦାଦକ ଚନ୍ଦ୍ର ପାତ୍ର, ବର୍ତ୍ତମାନର ସଭାପତି ମନୋରଞ୍ଜନ ଦାସ, ସମ୍ମାନିତ ବିଜୟ କୁମାର ପାତ୍ର, ପ୍ରସନ୍ନ କୁମାର ମିଶ୍ର, ଗୋପବନ୍ଧୁ ଦାସ, ବାସୁଦେବ ପାଣିଗ୍ରାହୀ, ସରଫଂଚ ଝିଲିଶ୍ରୀ ମାଳିକ, ରଘୁନାଥ ପଣ୍ଡା, ଶଶିକାନ୍ତ ପରିଡ଼ା, ଚିତ୍ରଲେଖା ମହାପାତ୍ର, ଆଶିଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ଚାନ୍ଦଙ୍କ ଶିକ୍ଷକ ଜୀବନ ଓ ସାହିତ୍ୟିକ ଅବଦାନ ସମ୍ପର୍କରେ ଆଲୋଚନାପାତ କରିଥିଲେ । ସୋନାଳି ଶିକ୍ଷା ପାଣିଗ୍ରାହୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ସୁଳତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଯୋଗ୍ୟ, ଶ୍ରୀ ଚାନ୍ଦ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ହେବା ସହ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ବହୁମୂଲ୍ୟ ଅବଦାନ ରହିଛି ।

ବୃତିଗତ ଜୀବନରୁ ଅବସର ଗ୍ରହଣ କଲେ ବ୍ୟଙ୍ଗ ଲେଖକ ରାଧାଶ୍ୟାମ ରାଉଳ

ବାଲେଶ୍ୱର, ୦୩/୦୫(ଆ.ପ୍ର) : ବିଶିଷ୍ଟ ବ୍ୟଙ୍ଗରେଖକ ତଥା ଷ୍ଟାମ୍ପର ରାଧାଶ୍ୟାମ ରାଉଳ ଗତ ଏପ୍ରିଲ ୩୦ ତାରିଖରେ ରାଜତୀୟ ଜୀବନ ବୀମା ନିଗମ, ଜଟକ ଶାଖା-୧ର ପ୍ରଶାସନିକ ଅଧିକାରୀ ପଦରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ରାଜପୁର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଳକ କୁମାର ସାହୁ, ସୁସ୍ମିତା ହୋତା, ସ୍ମୃତିରେଖା ସାହୁ, ବିଦ୍ୟାଧର ପୃଷ୍ଟି, ସଂଦ୍ ଓଝି ଅକ୍ଷଦ୍ଦ, ଜମାଳାନ୍ତ ପୂଜାରୀ, ଜଳିରାଣୀ ନାୟକ, ରାମକୁମାର ବାରିକ, ସୁରେନ୍ଦ୍ର କୁମାର ଦାଶ, ହେମନ୍ତ କୁମାର ଜେନା, ବିଚିତ୍ର କୁମାର ବଳେଜ, ଶରତ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ବକ୍ତାମାନେ ଶ୍ରୀ ରାଉଳଙ୍କ ନିଷ୍ଠା, କାର୍ଯ୍ୟତତ୍ପରତା, ଶୃଙ୍ଖଳା, ସମୟାନୁବର୍ତ୍ତିତା, ଗ୍ରାହକସେବା ଓ ମନୋମଧୁର ସ୍ୱଭାବର ଭୂରି ପ୍ରଶଂସା କରିଥିଲେ । କର୍ମକ୍ଷେତ୍ରରେ ଜଣେ ସଚ୍ଚୋଟ ଓ ସଚେତନ ପ୍ରଶାସକ ଭାବେ ପରିଚିତ ଶ୍ରୀ ରାଉଳ ସାହିତ୍ୟ କଗତରେ ମଧ୍ୟ ଜଣେ ସୁପରିଚିତ ବ୍ୟଙ୍ଗଲେଖକ ବୋଲି ଆଲୋଚକମାନେ ମତ ଦେଇଥିଲେ । ନିଜ ଅନୁଭୂତି ବାଂଟି ଶ୍ରୀ ରାଉଳ କହିଥିଲେ, ସଂସ୍ଥାର ସ୍ୱାର୍ଥିକୁ ସର୍ବଦା ପ୍ରାଥମିକତା ଦେଇ ସେ କୌଣସି ଚାପରେ ନ ଆସି ସରକାରୀ ଓ ଖାଟିବାର ସହ କାର୍ଯ୍ୟ କରିଆସିଛନ୍ତି । ସହକର୍ମୀମାନେ ତାଙ୍କ ଅବସର ଜୀବନ ସୁଖମୟ, ଶାନ୍ତିମୟ ଓ ଅଧିକ ସୃଜନଶୀଳ ହେଉ ବୋଲି ଶୁଭକାମନା ଜଣାଇଥିଲେ । ସଭାରେ ତାଙ୍କ ଧର୍ମପତ୍ନୀ ସଂଘୁକ୍ତା ରାଉଳ ଓ ପୁତ୍ର ସଂଜେତ କୁମାର ରାଉଳ ଉପସ୍ଥିତ ଥିଲେ ।

ସାଇବର ସେଲ୍ ପକ୍ଷରୁ ଉଦ୍ଧାର ହୋଇଥିବା ୩୫ଟି ମୋବାଇଲ୍ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର ହେଲା



ବାଲେଶ୍ୱର, ୦୩/୦୫(ଆ.ପ୍ର) : ଜିଲ୍ଲା ପୋଲିସର ସାଇବର ସେଲ୍ ବିଭିନ୍ନ ସମୟରେ ହଜି ଯାଇଥିବା କିମ୍ବା ଚୋରି ହୋଇଥିବା ୩୫ଟି ମୋବାଇଲ୍ ଫୋନ୍ ଉଦ୍ଧାର କରି ସେଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ଫେରାଇଛି । ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଭାରତ ସରକାରଙ୍କ ଦୂରସଂଚାର ବିଭାଗର ସିଇଆଇଆର ପୋର୍ଟାଲ ମାଧ୍ୟମରେ ଏହି ଫୋନ୍ ଗୁଡିକୁ ଟ୍ରାକ୍ କରାଯାଇଥିଲା । ଶ୍ରୀ ଦାଶଙ୍କ ଅନୁଯାୟୀ ଆହୁରି ଅନେକ ମୋବାଇଲ୍ ବର୍ତ୍ତମାନ ଟ୍ରାକିଂ ପ୍ରକ୍ରିୟାରେ ରହିଛି । ଆଗାମୀ ଦିନରେ ସେଗୁଡ଼ିକର ମଧ୍ୟ ଉଦ୍ଧାର କରାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯିବ । ସେ ସାଧାରଣ ଲୋକଙ୍କୁ ସିଇଆଇଆର ପୋର୍ଟାଲ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଏହି ପୋର୍ଟାଲରେ ପଞ୍ଜୀକରଣ କଲେ ହଜିଥିବା ମୋବାଇଲକୁ ବ୍ଲକ୍ ଓ ଟ୍ରେସ୍ କରିହେବ । ଏହା ଫୋନର ଅପବ୍ୟବହାର ରୋକିବାରେ ମଧ୍ୟ ସହାୟକ ହେବ । ମୋବାଇଲ୍ ଫେରିପାଇ ଖୁସିହେବା ମାନେ ପୋଲିସ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ ଏହି ମାମଲାରେ ଏପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି । ବିଭିନ୍ନ ସ୍ଥାନ ଓ ସମୟରେ ଏହି ଫୋନ୍ ଗୁଡ଼ିକ ଚୋରି ହୋଇଥିବା ମାଲିକମାନେ ଜଣାଇଛନ୍ତି । ସାଉଦର୍ ଥାନା ଅଧିକାରୀ ମୀନା ବିଶ୍ୱାଣୀ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ଟମ୍ପର ହେଲେ ନିରୁପମା ବଢ଼ାଇ

ଗୋଗରାଲ, ୦୨/୦୫(ଆ.ପ୍ର) : ଗୋଗରାଲ ବ୍ଲକ ଚଳିତ ବର୍ଷର ମେଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି ବର୍ତ୍ତମାନ ଗମାନାଥ ଏକାଡେମୀର ଛାତ୍ରୀ ନିରୁପମା ବଢ଼ାଇ । ସେ ୫୬୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ଏନେଇ ନିରୁପମା ବିଜୟ ୬ ରୁ ୮ ଘଂଟା ପାଠପଢ଼ାରେ ଧ୍ୟାନ ଦେଇଥିଲେ । ତାଙ୍କର ସଫଳତାର ଶ୍ରେୟ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିବାରକୁ ଦେଇଛନ୍ତି । ଡାକ୍ତର ହୋଇ ଲୋକଙ୍କ ପାଇଁ ସେବା କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ନିରୁପମା ବାପା ଚାପସ ବଢ଼ାଇ ଜଣେ କୃଷକ ହୋଇଥିବା ବେଳେ ମାଆ ମିନତୀ ବଢ଼ାଇ ଗୃହିଣୀ ଅଟନ୍ତି ।

ବିପଦ ସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

ଭୋଗରାଇ, ୦୩/୦୫(ଆ.ପ୍ର) : ଜଳେଶ୍ୱରପୁର ଫଂଚାୟତ ବାଗଗ୍ରାମ ଜନ୍ମୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତି ଦୂରରେ ମୁଖ୍ୟ ରାସ୍ତାକୁଲାଗି ବୁଡିଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଏନେଇ ଗ୍ରାମବାସୀ ଭୋଗରାଇ ଟାଟା ପାଣ୍ଡାର ଅଧିକାରୀଙ୍କୁପରେ ଜଣାଇବା ଅଭିଯୋଗ କରିବା ପରେ ମଧ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି କୌଣସି ପଦକ୍ଷେପ ନେଉନଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପ୍ରଚେଷ୍ଟା କରିବା ଆବଶ୍ୟକ

ସମଗ୍ର ବିଶ୍ୱରେ ଭାରତୀୟ ଲୋକ କଳା, ପରମ୍ପରା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଘୋଡାନାଚ, କେଳା କେଳୁଣୀ ନାଚ, ବାଉଁଶ ଚାଣ୍ଡି ଖେଳ, ଦାସ କାଠିଆ, ପାଲା, ଖଞ୍ଜଣୀ ଗାନ, ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଆମ ଐତିହ୍ୟ ଓ ସଂସ୍କୃତିର ଅଳଙ୍କାର ସଦୃଶ । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଗଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମନୋଭାବର ଅଭାବ ପରିଲକ୍ଷିତ ହେଉଛି । ମଂଚରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ମହାନତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବଶ୍ୟର ଦ୍ୱାରଦେଶରେ ଦଣ୍ଡାୟମାନ ହେବା ଭଳି ପରିସ୍ଥିତି ଦେଇ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ଦାୟିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଂଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଜିନିଷ ଗୁଡା ଆଧୁନା ଓଡିଶା ପ୍ରଦେଶର ପୁରାତତ୍ତ୍ୱରେ ଉତ୍ତୋଳିତ ଶିଳ୍ପକୃତି ସ୍ୱତନ୍ତ୍ରତା ଥିବା ଦିକିରେ କୃତି ସେଥିରୁ ଚାରଜ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଲାଭେ ଜୀବନ ଅତିବାହିତ କରୁଥିଲେ । ମାତ୍ର ବୈଜ୍ଞାନିକ ଯୁଗର ଚାକଚକ୍ୟ ଜ୍ଞାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆୟୁଧ ବିଳି ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ କାଳରୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମାଂଚଳରେ ଯନ୍ତ୍ର ସହାୟତାରେ କୃଷି କ୍ଷେତକୁ ନଦୀ ଓ ସୁଷ୍ଠରିଣୀରୁ ପାଣି ମଗଲା ଜାଣ୍ଡୀ ମାନେ ନିଜ ନିଜର ଜମିକୁ ଶସ୍ୟ ଶ୍ୟାମଳା ଭଳି ଉତ୍ପାଦିତ ଖାଦ୍ୟ ଶସ୍ୟାକୁ ପ୍ରାଚୀନ ଯୁଗରୁ ଲୋକିଲା ପେଟକୁ ଖାଏ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ୍ୟ ସାମ୍ପ୍ରତିକ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ସେଣ୍ଡା ଓ ଶୋଭୁଥର ପ୍ରାଚୀନ ପରମ୍ପରା ଓ ସୃଷ୍ଟି ଧ୍ୱଂସାଭିମୁଖୀ । ଭାରତୀୟ ସଂସ୍କୃତିର ମହାନ ପର୍ବ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂତନବର୍ଷ ଭାବେ ଲାଭି ଜେଉଁ ଆଦାହମାନ କାଳରୁ ପାଳିତ ହୋଇ ଆସୁଛି । ମାତ୍ର ଆଧୁନିକତାର ପ୍ରଭାବରେ ଇଂରାଜୀ ନବବର୍ଷକୁ ଯେଉଁ ଭଳି ଢଙ୍ଗରେ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତାର ମୋହରେ ପତି ପାଳନ କରୁଛନ୍ତି ତାହା ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାକୁ ଚାଟବଣା କରିଦେଇଛି । ମାତ୍ର ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟାତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂତାବର୍ଷ ପାଳନ କରିବା ପାଇଁ ଆମ ବଂଶଜ ମାନଙ୍କର କୁଣ୍ଠାବୋଧ କଣ ପାଇଁ ତାହା ସାମ୍ପ୍ରତିକ ବିଧ୍ୱ ବ୍ୟବସ୍ଥା ମଧ୍ୟରେ ଜକ ଜକ ହୋଇ ଦୃଶ୍ୟମାନ ହେଉଛି । ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଆମର ବଂଶଜ ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରଦାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା କେଦେହେର ଯୁକ୍ତି ମୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ବାଟବଣା ବଂଶଜ ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିର ବଂଶଜ ମାନେ ନିଜକୁ ପାଶ୍ଚାତ୍ୟ ସଭ୍ୟତାର ମୋହରୁ ନିଜକୁ ମୁକ୍ତ କରି ଇଂରାଜୀ ନବବର୍ଷ ପାଳନ ବଦଳରେ ଭାରତୀୟ ସଂସ୍କୃତିର ମହାନତା ବହନ କରୁଥିବା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ତଥା ଓଡିଆ ନୂତାବର୍ଷକୁ ଧାର୍ମିକ ରୀତିନୀତି ଅନୁଯାୟୀ ପାଳନ କରିବା ସହ ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶଜ ମାନଙ୍କ ମନରେ ବୁଝିଆଣା ପରି ବସା ବାନ୍ଧି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାୟାକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି ।

ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

॥ ବାଦଲ ଭୂୟାଁ ॥

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ଉଗ୍ରଗ ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି । ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବାର ବ୍ୟବସ୍ଥା ହୋଇଛି । ସୂଚନା ଆଜିଠୁ ପ୍ରଥମ ଅର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି । ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଇଛି । ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଇଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଣ୍ଟ ଡିଫେନ୍ସ ସ୍କିଲ ତାଲିମ ମିଳିବ । ସୁସମ୍ପନ୍ନ, ସ୍ୱାଟସ୍, ଲେଗ୍ ଲଜର୍, ଲେଗ ଏକ୍ସଟେନ୍ସନ, ଡେଷ୍ଟ ପ୍ରେସ୍, ଥ୍ରି ଟ୍ରେ ସୋଲଡର ଷ୍ଟ୍ରେକ ଭଳି ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ତିତ କ୍ରମରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏହି ଟଙ୍କାକୁ ସେହି କଲେଜ ଲାଇବ୍, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଅଥବାବେଳେ ମାଷ୍ଟର ଟ୍ରେନର୍ସଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କୁରବ ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟ ଏଡ୍ ଜଜ୍ୟୁମେଂଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ । ଜରୁରୀଚାଳାକ ପରିସ୍ଥିତିରେ ଅତିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ । ଗତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ୍ୟ ଜାରି ହୋଇଛି । ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଅଗ୍ରଣୀ ଥିବା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ । ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ । ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ । ରିପୋର୍ଟିଂ ଓ ପଞ୍ଜୀକରଣ ତାଲିକା ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ଚାଲିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ । ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଂ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ । କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ । ବିଭାଗ ପକ୍ଷରୁ ଦିଆଯାଇଥିବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ । ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ ।

ସୂଚନାଥାଉଥିବା ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା । ଯୁକ୍ତ ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି । ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମ୍ପର୍କ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି । ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାବେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉଦ୍ଯାହନକର ସହଯୋଗିତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି । ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଘଟିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଂଚା ଦେଉଥାନ୍ତି । ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଉଛି । ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ । କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ଲାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା । ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ଢି ନାହିଁ । ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି ଏବଂ ଆମ ସମ୍ପତ୍ତାଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତିକ ଗୁରୁଦାୟିତ୍ୱ ମଧ୍ୟ ରହିଛି । ଭାରତ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତମାସାର ଦର୍ଶକ ଭାବେ ମୂକସାକ୍ଷୀ ଭାବେ ଦେଖୁଥିବାର ଭବାହରଣ ମଧ୍ୟ ରହିଛି । ଯାହାକି ସମାଜବିତ ଓ ଆମ ସମ୍ପତ୍ତାଙ୍କ ପାଇଁ ଛାତି ଥରାର ଦେବାପରି ଅସଟନ ଠାରୁ କମ ନୁହେଁ । ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ । କଲ୍ୟାଣମୟୀ ଆମ ସୁତା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଜଳପାଇବା ରହିଥିଲା, ରହିଛି ଆଉ ରହିବ ମଧ୍ୟ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରଗତି ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ଫୁଲୁଣା ସୋନାରୀ, ଜାମସେଦପୁର

କୀର୍ତ୍ତନ କରିବା କାହିଁକି ?

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଭାରତ ହେଉଛି ଋଷି, ମୁନିର ଦେଶ । ତତପ୍ରଣୀତ ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ ପ୍ରଭୃତି ଶ୍ରୁତିଗତ ଜ୍ଞାନର ଯାଦ୍ଭାର ଯଥାର୍ଥ ନିଦର୍ଶନ କହିଲେ - ସତ୍ୟଂ ଅପକାଶ ଦେବନାର୍ହି । ଯାହାକୁ ବିଶ୍ୱ ସମୁଦାୟ ଅନୁକରଣ ପୂର୍ବକ ଭାରତର ପ୍ରଶଂସାଗାନ କରିବାରେ ଶତମୁଖର ହୋଇଛନ୍ତି । ତେଣୁ ପଦ୍ମ ପୁରାଣରେ କୁହାଯାଇଛି 'ବର୍ଷାଣାଂ ଭାରତ ଶ୍ରେଷ୍ଠଃ, ଦେଶାନା ଉତ୍ତମ ସୃତମ୍ । ଉତ୍ତମନ୍ୟା ସମାଦେଶଃ, ପୁରୁନପ୍ତି ମହାଜନେ ।' ଭଗବାନଙ୍କ ପାଖରେ ଭକ୍ତି କରିବାର ମାର୍ଗ ହେଉଛି ନଅ ପ୍ରକାରର ଶ୍ରୀମଦ ଭାଗବତରେ ଭଗବାନ ଦେବଦ୍ୟାସ ପ୍ରତିପାଦନ କରନ୍ତି । 'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦ ସେବନମ୍ । ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟଂ ଆତ୍ମନିବେଦନମ୍ ।' ଉପରୋକ୍ତ ନଅଟି କଥାକୁ କୁହାଯାଏ ନବଧାଭକ୍ତି । ଯଥା ଭଗବାନଙ୍କ ଗୁଣସବୁ ଶ୍ରବଣ କରିବା, ନାମ ସ୍ମରଣ, ପାଦ ସେବନ, ପୂଜନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣ । ଦ୍ୱିତୀୟ ପର୍ଯ୍ୟାୟ ଭକ୍ତି ହେଲା କୀର୍ତ୍ତନ କରିବା ।

ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଭଜନ, କୀର୍ତ୍ତନ ଆଦି କରିବାର ବିଧି ପ୍ରଚଳିତ । ଭକ୍ତି ଓ ନିଷ୍ଠାର ସହିତ ଭଗବାନଙ୍କ ନାମ ସଂକୀର୍ତ୍ତନ କଲେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମଗରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂପର୍କର ସେତୁ ସୃଷ୍ଟି କରିବାର ମାଧ୍ୟମ ହେଉଛି ସଂକୀର୍ତ୍ତନ । ଏଥିରେ ସ୍ୱର, ତାଳ, ଲୟ ଆଦିକୁ ଗୁରୁତ୍ୱ ଦିଆଯାଇଥାଏ । ସଂକୀର୍ତ୍ତନ ପରିବେଷଣ ସମୟରେ ଗାୟକ, ବାଦକ, ଦର୍ଶକ ସମସ୍ତେ ଭକ୍ତିଭାବରେ ନିମଜ୍ଜିତ ହୋଇଉଠନ୍ତି । ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ଉପରେ ଏହାର ଗଭୀର ପ୍ରଭୁତ୍ୱ ମଧ୍ୟମ ।

ଭକ୍ତଭାୟ ପରମ୍ପରା ଓ ସଂସ୍କୃତିରେ ସଂକୀର୍ତ୍ତନ ବେଶ ମହତ୍ୱପୂର୍ଣ୍ଣ । ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ସାରା ରାଜ୍ୟରେ ସଂକୀର୍ତ୍ତନର ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ମଧ୍ୟ ସଂକୀର୍ତ୍ତନ ଓତପ୍ରୋତ ଭାବେ ଜଡ଼ିତ ।

କଥା ପ୍ରସଙ୍ଗରେ ଜଣେ କହିଲେ - ଅନେକ ଲୋକ ଲୋକଙ୍କ ପାଇଁ କିଛି କରନ୍ତି ନାହିଁ । କ୍ଷୁଧା ଖୋଜ - ଭରତାକ ନେଇ ଭଜିନାମ କରି ଘୂରି ବୁଲନ୍ତି । ଏଥିରେ କ'ଣ କୌଣସି କାର୍ଯ୍ୟ ହୁଏ ?

ଶ୍ରୀ ଶ୍ରୀ ଠାକୁର -ଖୋଜ - କରତାଳ ନେଇ ହରିନାମ କରେ ତା'ମାନେ ଜ, ଝ ପଢ଼େ, ବି ଏସ ଏ, ଟ୍ରେ, ବିଏଲ୍ଏ ହୁଏ କରେ । ଏମିତି କଣୁ କଣୁ କେତେ ଲୋକ ଗୁରୁନିଷ୍ଠର ଭିତର ଦେଇ ତିଆରି ହୋଇଯାନ୍ତି । କୀର୍ତ୍ତନ କରିବାମାନେ ଗୀତା ଗାଇବା ଭିତର ଦେଇ ଭଗବାନଙ୍କ ନାମ କରିବା ଏବଂ ତାହା ଲୋକଙ୍କ ମଧ୍ୟରେ ପ୍ରଚାର କରିବା । ଗୌରାଙ୍ଗ ଦେବ ଏହିଟା ଶିକ୍ଷାଦେବାର ପ୍ରଚଳନ କରିଥିଲେ । ଏହା ଭିତର ଦେଇ ଗୋଟିଏ ବୋଧ ଗଢ଼ାଏ, କରିବାର ଆବେଗ ଆସିଥାଏ । ସେହି ଆବେଗ ଅନୁଯାୟୀ କର୍ମ କରିବା ଦରକାର । ଏହାରି ଭିତର ଦେଇ ଭଲ ଭଲ ମଣିଷ ବାହାରି ପଡ଼ନ୍ତି । ସମସ୍ତେ ଏକ ଭାବ ନେଇ ଚାଲନ୍ତି ନାହିଁ, ଚାଲିବାତା ଯଦି ଆମ୍ଭ ମାନଙ୍କର ପସନ୍ଦ ଯଦି ଦିନ ହୁଏ ସତ ଉଦ୍ଦେଶ୍ୟ ନେଇ, ସତ କୌଣସି କିଛି ଯେଉଁମାନେ କରନ୍ତି, ସେମାନେ ସମ୍ଭବରେ କୌଣସି ବିରୁଦ୍ଧ ସମାଲୋଚନା ଲେକେ ବି କରିବା ଠିକ ନୁହେଁ ବରଂ ଉତ୍ସାହ ଦେବାକୁ ହୁଏ । (ଆ: ପ୍ର: ୧୯/୮.୪.୧୯୫୦)

ଭକ୍ତ ଓ ଭଗବାନଙ୍କ ସଂପର୍କ ଅତୁଟ । ଭଗବାନ ନାମ ଜପରେ ଭକ୍ତ ପାଆନ୍ତି ଅପାର ଆନନ୍ଦ ଓ ଶାନ୍ତି । ଭାରତୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନ ପରମ୍ପରା ବହୁ ପ୍ରାଚୀନ । ସଂକୀର୍ତ୍ତନ ହେଉଛି ଏକ ଭକ୍ତିରସଭରିତ କଳା । ଓଡ଼ିଶାର ସହର ହେଉ କି ଗ୍ରାମାଞ୍ଚଳ ସବୁଠାରେ ଏବେ ବି ବିଭିନ୍ନ ସମୟରେ ସଂକୀର୍ତ୍ତନରେ ମୁଖରିତ ହୋଇଉଠେ ପରିବେଶ ।

ଏ ସଚରାଚର ବ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଝାଡ଼ା ବାନ୍ତିରେ ଅସୁସ୍ଥ ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଯାଜପୁର, ୦୩/୦୫(ଆ.ପ୍ର) : ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଗସ୍ତରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଡାଇରିଆ ଝାଡ଼ାକୁ ଯାଇ ଝାଡ଼ାବାନ୍ତିରେ ଅସୁସ୍ଥ ହୋଇଥିବା ରୋଗୀଙ୍କୁ ଭେଟିଛନ୍ତି । ପ୍ରାରମ୍ଭିକ ସୂଚନା ମୁତାବକ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ପାଟପୁର ଅଂଚଳରେ ବିଷାକ୍ତ ଖାଦ୍ୟ ଖାଇ ପ୍ରାୟ ୫୦ ଜଣ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମେତ ଯାଜପୁର ସାଂସଦ ଡ. ଉଦାହୁ ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର ମଧ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅସୁସ୍ଥଙ୍କ ସହ ସିଧାସଳଖ କଥା ହେବା ସହ ସରକାରଙ୍କ ତରଫରୁ ସବୁ ପ୍ରକାର ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ । ରୋଗ ବ୍ୟାପିବାର ପ୍ରକୃତ କାରଣ ଜାଣିବା ପାଇଁ ସ୍ଥାନୀୟ ଅଂଚଳରୁ ଜଳ ଓ ଖାଦ୍ୟର ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କୁ ଆତଙ୍କିତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏଇଥିରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ସିଡିଏମଓଙ୍କ ଟିମ୍ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ନଜର ରଖିଛନ୍ତି । ଆହୁରି ଶିଶୁମାନଙ୍କ ବିଶେଷ ଯତ୍ନ ନିଆଯିବା ସହ ଯେମିତି ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିବେ, ସେ ଦିଗରେ ଆମେ ସଜାଗ ଅଛୁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି । ଏଇଥିର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପାଟପୁର ଅଂଚଳର ମୃତକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅତିରିକ୍ତ ଆର୍ଥିକ ସାହାଯ୍ୟର ରାଶି ପ୍ରଦାନ କରାଯାଇଛି । ଏହି ଗସ୍ତ ସମୟରେ ଜିଲ୍ଲାପାଳ, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା, ମେଡିକାଲ କଲେଜ ଅଧ୍ୟକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସ୍ଥିତି ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ମେ ୮ ତାରିଖ ଠାରୁ ଅଖ ଚକ ବନ୍ଦ ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଡାକରା ଦେଲେ ଇନ୍ଦ୍ରାବତୀ ମେଗା ଲିଫ୍ଟ ଚାଷୀ

କୋଳସରା, ୦୩/୦୫(ଆ.ପ୍ର) : ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷ କରିଥିବା କୋଳସରା, ଜୟପାଟଣା ଓ ଧର୍ମଗଡ଼ ଅଂଚଳର ଚାଷୀ ଚଳିତ ବର୍ଷ ରବି ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି । ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବର୍ତ୍ତମାନ ଧାନ ବିକ୍ରିରୁ ବଞ୍ଚିତ ହୋଇ ଅନିଶ୍ଚିତତା ମଧ୍ୟରେ ରହିଥିବାବେଳେ ଉକ୍ତ ଅଂଚଳର ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏପରେ କୋଳସରା ବ୍ଲକ କୃଷକ ସଚେତନ ମଂଚ ଧାନ ବିକ୍ରି ପଞ୍ଜୀକରଣ ନହେଲେ ଆସନ୍ତା ୪ ତାରିଖରେ ଜନସ୍ୱାର୍ଥ ମାମଲା ଦାୟର କରିବାକୁ ପ୍ରସ୍ତୁତି କରି ସାରିଥିବାବେଳେ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ କୃଷକ ସଂଘ, କଳାହାଣ୍ଡି ପଶୁରୁ ସାମ୍ବାଦିକ ସମ୍ମିଳନୀ କରି ଆସନ୍ତା ୭ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନ ଆସେ ତେବେ ମେ' ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛି । ସୂଚନା ଅନୁସାରେ, ଚଳିତ ବର୍ଷ କୋଳସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଂଚଳ ପାଇଁ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ରୁ ୧୮୮୫୫ ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି । ଡ଼ିସେମ୍ବର ୩୧ ତାରିଖରେ ଅନୁଷ୍ଠିତ ଡିଏସଆଇ ବୈଠକରେ ଇନ୍ଦ୍ରାବତୀର ସ୍ୱାଭାବିକ ଜଳସେଚନରେ ୫୭.୫୭୪ ହେକ୍ଟର ଓ ମେଗାଲିଫ୍ଟ କେନାଲ ରୁ ୧୮୮୫୫ ହେକ୍ଟର ଜମିରେ ରବି ଜଳସେଚନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା । ଅନୁମତି ମିଳିବା ପରେ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ଚାଷ ମଧ୍ୟ ଠିକ ହୋଇଥିବାବେଳେ ଧାନ ପଞ୍ଜିକରଣ ସମୟରେ ସରକାରଙ୍କ ମେଗାଲିଫ୍ଟ ଅଂଚଳର ଚଷାଙ୍କ ପ୍ରତି ପାରଦାଅନ୍ତର ନୀତି ଏବେ ଚାଷୀଙ୍କ ନିଦ ହଜେଇ ଦେଇଛି । ମାର୍ଚ୍ଚ ମାସ ୨୫ ତାରିଖରୁ ପଞ୍ଜିକରଣ ଅବଧି ସାରି ଯାଇଥିବାବେଳେ ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲ ଅଂଚଳର ଚାଷୀ ପାଞ୍ଜିକରଣ କରିପାରେ ହେଁ ମେଗାଲିଫ୍ଟ ଅଂଚଳର ଚାଷୀ ଏଥିରୁ ବଂଚିତ ହୋଇଛନ୍ତି । ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବର୍ତମାନ ଧାନ ବିକ୍ରିରେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଏହାକୁ ନେଇ ଧର୍ମଗଡ଼, ଲାଞ୍ଜିଗଡ଼ ଓ କୁଳାଗଡ଼ ବିଧାୟକ ସରକାରୀ ସ୍ତରରେ ଉଦ୍ୟମ କରୁଥିବାବେଳେ କୋଳସରା ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଯୋଗାଣ ମନ୍ତ୍ରୀ, ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଛେଡି ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବାଡିପଡ଼ି ଦେଇଛନ୍ତି । ଏହାରି ମଧ୍ୟରେ କୋଳସରା କୃଷକ ସଚେତନ ମଂଚ ତରସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମେଗାଲିଫ୍ଟ କେନାଲ ଅଂଚଳରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋଳସରା ବ୍ଲକରେ ୪୧ଟି ଗ୍ରାମର ୯୮୩୨ ହେକ୍ଟର ଓ ଧର୍ମଗଡ଼ ବ୍ଲକର ୧୩ ଗୋଟି ଗ୍ରାମର ୨୩୩୪ ହେକ୍ଟର, ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ଗୋଟିଏ ଗ୍ରାମର ୬୬୨୧ ହେକ୍ଟର ଓ କୁଳାଗଡ ନିର୍ବାଚନ ମଣ୍ଡଳୀର ଗୋଟିଏ ଗ୍ରାମର ୧୭.୩୪ ହେକ୍ଟର ଅଂଚଳର ପ୍ରାୟ ୧୨ ହଜାର ଚାଷୀ ପ୍ରଭାବିତ ହେବାକୁ ଥିବାବେଳେ ପ୍ରଭାବିତ ଅଂଚଳର ଚାଷିମାନେ ଆଶା ଓ ଆଶଙ୍କାରେ ରହିଛନ୍ତି । ଏନେଇ ଗତ ୨୪/୦୩/୨୦୨୬ ତାରିଖ ଦିନ ଲାଞ୍ଜିଗଡ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ପଞ୍ଜିକରଣ କରାଇବା ନିମନ୍ତେ ଲିଖିତ ଭାବେ ଜଣାଇ ଥିଲେ । ଯାହାର ପତ୍ର ସଂଖ୍ୟା (ୱାର୍/ଏସିଆର୍) ରହିଛି । ଏଣେ ଚଳିତ ବର୍ଷ ମେଗା ଉଠା ଜଳସେଚନ କୃଷକ ସଂଘ, କଳାହାଣ୍ଡି ପଶୁରୁ ସାମ୍ବାଦିକ ସମ୍ମିଳନୀ କରି ଆସନ୍ତା ୭ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନ ଆସେ ତେବେ ମେ' ୮ ତାରିଖରୁ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେବା ସହିତ କୋଳସରା, ଧର୍ମଗଡ଼ ଓ ଜୟପାଟଣା ବ୍ଲକର ଚିଲିନ୍ଦ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ' ପୂର୍ବରୁ ମେଗା ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଏହି ଅଂଚଳର ଚାଷୀ ୨୦୨୩/୨୪ ମସିହାରେ ରବି ଋତୁରେ ଚାଷ କରି ଧାନ ବିକ୍ରି କରି ସାରିଛନ୍ତି । ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବାପରେ ୨୦୨୪/୨୫ ମସିହାରେ ବିଭାଗ ପକ୍ଷରୁ ବିଜିନ୍ସ କାରଣ ଦର୍ଶାଇ ମେଗା ଉଠାଜଳସେଚନ ପ୍ରକଳ୍ପରେ ପାଣି ଯୋଗାଣ ବନ୍ଦ କରିବା ଯୋଗୁଁ ସେତେବେଳେ ମଧ୍ୟ ଚାଷୀ କେନାଲ ପାଣି ଯୋଗାଣ ଦାବିରେ ମୋଟେ ପାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲା । ଚାଷୀଙ୍କ ଆନ୍ଦୋଳନ ସତ୍ତ୍ୱେ ସେତେବେଳେ ପାଣି ଯୋଗାଣ ନହେବା କଲାଣରୁ ଚାଷୀ ଚାଷ କରି ନପାରି ଅନେକ କ୍ଷତି ସହିଥିଲେ । ଗତ ବର୍ଷର ବାରମ୍ବାର ଚାଷୀଙ୍କ ଦାବି ଯୋଗୁଁ ଚଳିତ ବର୍ଷ ମେଗା ଉଠାଜଳସେଚନ ପ୍ରକଳ୍ପରେ ପାଣି ଯୋଗାଣ ହେଲା । ଯାହା ଫଳରେ ବଂଚିତ ହୋଇଥିବା ଉକ୍ତ ଅଂଚଳର ଦାଖାମାରେ ଚଳିତ ରବି ଋତୁରେ ଧାନ ଚାଷ କରି ପୂର୍ବ ବର୍ଷର ଋଣ କରିବେ ବୋଲି ଆଶା ବାନ୍ଧି ଥିଲେ । ଏଥିପାଇଁ ଚାଷୀ ବ୍ୟାଙ୍କ, ସମବାୟ ଓ କିଜିନ୍ସ ଅର୍ଥ ଲଗାଣକାରୀ ସଂସ୍ଥାରୁ ଟଙ୍କା ଆଣିବା ସହ ପାଖରେ ଯାହା ସଂଚୟ ଥିଲା ସେସବୁ ବୁଲାଇ ଚାଷ କରିଛନ୍ତି । ଏଣେ ଚଳିତ ବର୍ଷ ଧାନ ବିକ୍ରି ପଞ୍ଜୀକରଣରୁ ଚାଷୀମାନେ ବଂଚିତ ହେବାପରେ ସେସବୁ ଆଶା ମଳିଲି ଯାଇଥିବାବେଳେ ଅସନ୍ତୋଷ ବଢ଼ିବା ସହିତ ବିଭାଟ ବହୁ ଆନ୍ଦୋଳନର ବାମା ବାନ୍ଧିଲାଣି ।

କାଳବୈଶାଖୀରେ ଉଡ଼ିଗଲା ଛାତ

ଦଶପଲ୍ଲା, ୦୩/୦୫(ଆ.ପ୍ର) : ଦଶପଲ୍ଲା ଅଂଚଳରେ ଗୁରୁବାର ସଂଧ୍ୟାରେ କାଳବୈଶାଖୀର ପ୍ରଭାବ ସମସ୍ତ ସ୍ଥାନରେ ଦେଖିବାକୁ ମିଳିଥିଲା । ପ୍ରବଳ ପବନ ଯୋଗୁଁ ୫୭ ନମ୍ବର ଜାତୀୟ ରାଜପଥର ଡିଭିନ୍ସ ସ୍ଥାନରେ ଗଛ ଓ ଡାଳ ପଡି ରହିବାରୁ ଦିର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ବିଦ୍ୟୁତ ଖୁଣ୍ଟି ଓ ତାର ଉପରେ ଡାଳ ପଡ଼ିବାରୁ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି । କେତେକ ସ୍ଥାନରେ ଗଛ ଓ ଦୋକାନ ଗୃହ ଉପରେ ଗଛ ପଡି କ୍ଷତିଗ୍ରସ୍ତ ହୋଇଥିବାର ଖବର ମିଳିଛି । ସୂଚନା ଅନୁସାରେ କାଳବୈଶାଖୀରେ ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ୯ନମ୍ବର ଓ୍ୱାର୍ଡ଼ ମହୁଳିଆ (ଭୁଣି)ଗ୍ରାମର ରେ ବୁନା ନାୟକ, ଭଲେଇ ନାୟକ, ସୁଜଂଟି ନାୟକ, ପରବାସୀ ନାୟକ ଙ୍କ ଭଳି ଅନେକ ଲୋକଙ୍କ ଘରର ଛାତ ଉଡିଯାଇଛି । ସେହିଭଳି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁରୁଦି ପଦ୍ମ ପଂଚାୟତର ମାର୍ଦାବାଡି ଗ୍ରାମର ଗୋଲାପ ନାୟକଙ୍କ ଛାତ ସହ ଘରର ସାମଗ୍ରୀ ନଷ୍ଟ ହୋଇଯାଇଛି । ସରକାରୀ ସ୍ତରରୁ ସାହାଯ୍ୟ ନିମନ୍ତେ ଗ୍ରାମବାସୀ ଦାବୀ କରିଛନ୍ତି ।

୩ ଜଣ ମେଟ୍ରିକ ଟପରଙ୍କୁ ଭେଟି ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଲା ସବୁଜଶାଖା



ଅନ୍ତରଙ୍ଗ, ୦୩/୦୫(ଆ.ପ୍ର) : ଅନ୍ତରଙ୍ଗପୁର ୩ ମେଟ୍ରିକ ଟପରଙ୍କୁ ଲେଟି ସବୁଜଶାଖା ଅନୁଷ୍ଠାନ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛି । ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଫଳ ପ୍ରକାଶ ପରେ ଅନ୍ତରଙ୍ଗ ବ୍ଲକରୁ ୩ ଜଣ ଏ-୧ ପାଇ ଚମତ୍କାର ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଭୁଜିଆନା କେଳାଭୂମି ହାଇସ୍କୁଲର ସୁରଜ ପ୍ରଧାନ ୫୪୭ ନମ୍ବର, ଏଣାଜେଶ୍ୱର ବିଦ୍ୟାପୀଠର ଶଶାଙ୍କ ଦଳାଇଙ୍କ ଘରକୁ ପ୍ରସ୍ତରକୃତି ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ଓ ମିଠା ଖୁଆଇ ସେମାନଙ୍କର ଲକ୍ଷ୍ୟିତ ଫଳ ଜାମନା କରିଥିଲେ । ଏହି ସମୟରେ ଶ୍ରୀ ଛାତୋଇଙ୍କ ସହ ସବୁଜଶାଖାର ସଭାପତି ଜମାଲାନ୍ତ ବଡଶିଆ, ବରିଷ୍ଠ ସଭ୍ୟ ପ୍ରଶାନ୍ତ ବେହେରା, କେଳୁ ଚରଣ ଓଝା ଓ ଶିକ୍ଷା କମିଟିର ପ୍ରତୀପ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ଶୁଭଶ୍ରୀଙ୍କୁ 'ଏ-୧' ଓ ଆଶିଷଙ୍କୁ 'ଏ-୨' ଗ୍ରେଡ୍

ନିମାପଡା, ୦୩/୦୫(ଆ.ପ୍ର) : ପୁରୀ ଜିଲ୍ଲା ଚାଣ୍ଡିଲିଙ୍କ ଅଂଚଳରେ ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଦୁତି ପ୍ରମୁଖ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅମରେଶ୍ୱର ହାଇସ୍କୁଲର ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ରୋଦର ହାଇସ୍କୁଲର ଛାତ୍ର ଆଶିଷ କୁମାର ନିଜ ନିଜ ବିଦ୍ୟାଳୟ ତଥା ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଶୁଭଶ୍ରୀ ସାହୁ (ଅମରେଶ୍ୱର ହାଇସ୍କୁଲ)ର ସେ ମୋଟ ୫୪୮ ନମ୍ବର ରଖି 'ଏ୧' (ଇ୧) ଗ୍ରେଡ୍ ହାସଲ କରିଛନ୍ତି । ସେହିଭଳି ଆଶିଷ କୁମାର (ରୋଦର ହାଇସ୍କୁଲ)ର ସେ ୫୨୯ ନମ୍ବର ରଖି 'ଏ୨' (ଇ୨) ଗ୍ରେଡ୍ ପାଇବା ସହ ନିଜ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ଖବର ପ୍ରକାଶିତ ହେବା ପରେ ଉଭୟ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଶୁଭଶ୍ରୀଙ୍କ ପିତା ପ୍ରକାଶ ସାହୁ ଓ ମାତା ଲିଲି ସାହୁ ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଆଶିଷଙ୍କ ପିତା ସମୀର କୁମାର ବାଲିକ ଓ ମାତା ମାନସୀ ବାଲିକ ମଧ୍ୟ ରୋଦର ହାଇସ୍କୁଲର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ବୁଲ କୃତୀ ଛାତ୍ରଛାତ୍ରୀଙ୍କୁ ସମାଜସେବୀ ତଥା ଆଇଆଇଏସ ଚନ୍ଦ୍ରକାନ୍ତ ଦଳାଇ ସାଧୁବାଦ ଜଣାଇବା ସହ ସୋମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଅଂଚଳର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଭରାଇକୁ ଶୁଭେଚ୍ଛା ଜଣାଇଛନ୍ତି ।

ତରଡ଼ାପଡା ଗାଦିଗୋସେଇଁ ପ୍ରିମିଅର ଲିଗ ସିଜନ-୪ ଉଦଯାପିତ

ଜଗତସିଂହପୁର, ୦୩/୦୫(ଆ.ପ୍ର) : ଜଗତସିଂହପୁର ବ୍ଲକ କୁଳସାହି ତରଡ଼ାପଡା ପଂଚାୟତରେ ରାତ୍ରିକାଳୀନ ପ୍ରିମିଅର ଲିଗ-୨୦୨୬ ସିଜନ -୪ କ୍ରିକେଟ ମ୍ୟାଚ ଉଦଯାପିତ ହୋଇଯାଇଛି । ଏହା ଏକ ରାତ୍ରିକାଳୀନ ଛୋଟ ବାଉଣ୍ଡାରି କ୍ରିକେଟ୍ ଟୁର୍ଣ୍ଣାମେଂଟ ଥିଲା । ୧୬ଟି ଦଳଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓପ୍ରଥମ ମ୍ୟାଚ୍ ହେଲା: ଷାଣ୍ଡାର୍ଡ ଏକାଦଶ, ଦାସବାଡିଆ ଡ୍ରଡର୍ସ ଏକାଦଶ, ଜଗତସିଂହପୁର ଓ ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଜୁଡି ଏବଂ ନଗଦ ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀଧର ସାହୁ, ଦିଙ୍ଗଟି ନାରାୟଣ ବେହେରା, ସଙ୍ଗୀତ ଗୁରୁ (ଜିଲ୍ଲା କଳାବିଭାଗ କେନ୍ଦ୍ର) ଏବଂ ସୁଜାନ୍ତ କୁମାର ପ୍ରଧାନ (ପୂର୍ବତନ ନେଳି କର୍ମଚାରୀ) ପ୍ରମୁଖ ଉପସ୍ଥିତ ଥିଲେ ଓ ଏଥିରେ ଆୟୋଜକ ମାନଙ୍କ ମଧ୍ୟରେ ଟିପୁ, ବିଥୁଲ, ସନ୍ତୋଷ, ରୋସନ, ବୁନୁ, ପୁସୁ, ଛୁଷ୍ଟ, ବିକାଶ, ଗୁଡିୟା, ଲିଲୁନ, ଗୁଣ୍ଡୁ, ଓମ୍, ବିବେକ ଓ ସୋମ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ପ୍ରେସଦିବସ ପାଳିତ

ଧର୍ମଗଡ଼, ୦୩/୦୫(ଆ.ପ୍ର) : ବିଶ୍ୱରେ ସାମ୍ବାଦିକ ମାନଙ୍କର ସ୍ୱାଧୀନତା ଓ ସୁରକ୍ଷା ଝୁର୍ଣ୍ଣ ହେଉଛି । ଏପରି ହେଲେ ଗଣତନ୍ତ୍ର ବିପନ୍ନ ଅସମ୍ଭବ ବୋଲି ଆଜି ଜଳାଳପାଟଣା ଠାରେ କଳାହାଣ୍ଡି ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ ଅବସରରେ ଅତିଥି ଏବଂ ବକ୍ତା ମାନେ ମତବ୍ୟକ୍ତ ସହିତ ସାମ୍ବାଦିକ ମାନଙ୍କର କଲ୍ୟାଣ ଓ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ଶାନ୍ତନୁ ହେତେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ପଟ୍ଟାୟତ ସାହୁ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ରମାଶଙ୍କର କର ସମ୍ମାନିତ ଅତିଥି ଭାବେ ସମ୍ବାଦ ଜିଲ୍ଲା ପ୍ରତିନିଧି ଦେବେନ୍ଦ୍ର ବିଶି, ଅବସର ପ୍ରାପ୍ତ ଅଧ୍ୟକ୍ଷ ଅଭୟ ମିଶ୍ର ,ସାମ୍ବାଦିକ ରଜନୀ ମିଶ୍ର ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କର ସମାଜ ପ୍ରତି ଥିବା ଉତ୍ତର ଦାୟିତ୍ୱ ଏବଂ ତ୍ୟାଗପୂତ କାର୍ଯ୍ୟଧାରା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏବଂ ବିଭିନ୍ନ କ୍ଷେତ୍ରରେ ବଶିଷ୍ଠ ହାସଲ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମର ମଂଚ ପରିଚାଳନା ସତ୍ୟ ନାରାୟଣ ପାତ୍ର କରିଥିଲେ ।

ଦୃଷ୍ଟିହୀନା ଦୂତିକା ହେଲେ ବିଦ୍ୟାଳୟ ଟପ୍ପର

ଝରିଗାଁ, ୦୩/୦୫(ଆ.ପ୍ର) : ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଛି ଚଳିତ ବର୍ଷର ଦଶମ ଶ୍

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଉନ୍ମୋଚିତ ହେଲା କବି ମଦନ କୁମାର ଦାସଙ୍କ କାବ୍ୟ ପୁସ୍ତକ 'ଗୌରୀ'

ବାଲେଶ୍ୱର, ୦୩/୦୫(ଆ.ପ୍ର) : ଉତକଳାଲି ଅପରାହ୍ନରେ କବି ମଦନ କୁମାର ଦାସଙ୍କ 'ଗୌରୀ' କାବ୍ୟପୁସ୍ତକଟି ପାହାନ୍ତି ଠାରୁ ସାହିତ୍ୟାନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି । ଦୀନକୃଷ୍ଣ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ସାହିତ୍ୟିକ ତ୍ରିଦେବ ନାଥ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉନ୍ମୋଚନ ସଭାରେ ମୁଖ୍ୟଅତିଥି ଭାବେ ରେମୁନା ସର୍ବଥିବ ସଂସଦର ସମ୍ପାଦକ ସୁ-ପ୍ରାବନ୍ଧିକ ଡକ୍ଟର ରାଉତର ପ୍ରସଙ୍ଗ ଦ୍ୱାରା ଘୋଷ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଗାଡିକାର ବିକର୍ତନ ନାୟକ, ସମ୍ମାନନୀୟ ଅତିଥି ଭାବେ ସାହିତ୍ୟିକ ସୀତାମର ଦାସ ଘୋଷ ଦେଇଥିଲେ । ସମ୍ମାନନୀୟ ବକ୍ତା ଭାବେ ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଘୋଷ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ପୁସ୍ତକର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରି ଲାବଣ୍ୟକାରଙ୍କ ରଚନା ଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ପରିପ୍ରେକ୍ଷୀରେ 'କିଛି କବିତା ଓ କିଛି କଥା' ଲେଖିଥିଲେ କବୟିତ୍ରୀ ସତ୍ୟଭାମା ମୁଦୁଲି, କବୟିତ୍ରୀ ଜୟନ୍ତୀ ବେହେରା, କବି ପୂର୍ଣ୍ଣଚନ୍ଦ୍ର ସିଂହ, ସାହିତ୍ୟିକ ରଣଜିତ କୁମାର ବେହେରା, ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ସମ୍ପାଦିକା ତଥା କବୀ ନାଳିସା ପ୍ରଧାନ । କବି ଦିଲ୍ଲୀପ ପାଲ, ଆଡ୍‌ଲୋକେଟ୍ ପ୍ରବୀପ କୁମାର ଆଚାର୍ଯ୍ୟ, ସମାଜସେବୀ ବିଜୟ ବିଶ୍ୱାସ, କବି ନବକର ପାଢ଼ୀ, କବୟିତ୍ରୀ ଝରଣା ମଲିକ, ସାହିତ୍ୟପ୍ରାଣ ଅରୁଣ କୁମାର ଗୋଟ୍ଟାୟକ, ପଟ୍ଟୀର ତରଣ ପାଢ଼ୀ, କବି ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସଭାକୁ ସଫଳ କରାଇଥିଲେ । ଶେଷକଥା ଲେଖିଥିଲେ ଗାୟତ୍ରୀ ମିଶ୍ର ଆଚାର୍ଯ୍ୟ ।

ବଣାଇଁ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ସଫଳତା

ବଣାଇଁ, ୩/୫(ଆ.ପ୍ର): ବଣାଇ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଣାଇର ଛାତ୍ରୀ ବୁଟି ସାହୁ ୫ କିଶୋରୀ ପାତ୍ର ଚଳିତ ବର୍ଷ ବୋର୍ଡ଼ ପରୀକ୍ଷାରେ ୪- ୨ ରେ ଆସି ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣି ଥିବାରୁ ବିଦ୍ୟାଳୟର ଜାତୀୟପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମୁଣ୍ଡା ଶ୍ରୀଲେଖା ଜଣାଇ ଛନ୍ତି । ସେହିପରି ବି-୧ ରେ ୨ ଜଣ, ବି-୨ ରେ ୯ ଜଣ ସିରେ ୩୫ ଜଣ, ତି ରେ ୩୭ ଜଣ, ଲ ରେ ୧୨ ଜଣ ଓ ଏପରେ ୩ ଜଣ ପାଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମୁଣ୍ଡା ସମେତ ଶ୍ରେଣୀ ଶିକ୍ଷକ ନଳିନୀ କାନ୍ତ ସେଠି, ବନ୍ଦ ଶେଖର ପାତ୍ର, ନାଟିଶ କୁମାର ମହାନ୍ତି, ନିରେଶ ମହାନ୍ତି, ଇନ୍ଦ୍ରା ଜିନି ମିଞ୍ଜ, ଯଜ୍ଞ ଚାନ୍ଦ ଓଝା, ଲମେଶ ଚନ୍ଦ୍ର ପ୍ରଧାନ, ସୌରଭ କୁମାର ମହାନ୍ତ, ଜୟରାମ ମହାନ୍ତ, ଶିକ୍ଷୟିତ୍ରୀ ଅମ୍ବିକା ମହାରଣା, ହମ୍ବିତା ପାତ୍ର, ମାନସୀ ଘେଷେଲ, କୁମାରୀ ସୁଭଦ୍ରା, ବସନ୍ତ ମଞ୍ଜରୀ ପ୍ରଧାନ, ସୁଜାତା ମହାନ୍ତି, ମାନାରାଣୀ ମିଶ୍ର, ଶାନ୍ତିଲତା ପ୍ରଧାନ, କର୍ମଚାରୀ ଭଗବତୀ ପ୍ରଧାନ ପ୍ରମୁଖ ସେମାନଙ୍କୁ ଶ୍ରୀଲେଖା ବାର୍ତ୍ତା ଜଣାଇଛନ୍ତି । ସୁନ୍ଦର ଗଡ଼ ଜିଲ୍ଲାପାଳ ଆମ ବିଦ୍ୟାଳୟକୁ ଆସି ଆମ ମାନଙ୍କୁ ଏ-୧ ରେ ଆସିବା ପାଇଁ ଉତ୍ସାହିତ କରିଥିବାରୁ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପ୍ରଚେଷ୍ଟାରେ ସଫଳ ପାଇଲୁ ବୋଲି ଏ-୨ ଛାତ୍ରୀ ମାନେ ପ୍ରକାଶ କରନ୍ତି ।

ଅଫିସ୍ କ୍ୱାଟର ନିର୍ମାଣରେ ମାଟିରେ ମିଶୁଛି ଗୁଣବତା

କାକଟପୁର, ୦୩/୦୫(ଆ.ପ୍ର) : ଅଧିକାରୀଙ୍କ ଲୋଭ ଏବେ ଏତେ ଉଗ୍ର ରୂପ ଧାରଣ କରିଛି ଯେ, ନିଜେ ଚାହିଦା ପାଇଁ ଟିଆରି ହେଉଥିବା ବାସଭବନକୁ ମଧ୍ୟ ସେମାନେ ଛାଡୁନାହାନ୍ତି । 'ପିସି' ମୋହରେ ସରକାରୀ ମାନଙ୍କ ଓ ଗୁଣୀମାନଙ୍କୁ ଧୁଳିରେ ମିଶାଇ ଦିଆଯାଉଥିବା ତେବେ ପ୍ରଶାସନର ନୈତିକ ପତନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲୁଥିବା ଅଫିସ୍ କ୍ୱାଟର ନିର୍ମାଣ କାର୍ଯ୍ୟରେ ଏଭଳି କିଛି ସଂଘାତିକ ଡେଫିକାଲ୍ ଅନିୟମିତତା ଅଧିକାରୀ ଆସିଛି । ସୂଚନା ଅନୁଯାୟୀ, କ୍ୱାଟର ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ନିୟମକୁ ଦେଖାଖିଚ କରାଯାଇଛି । (ଡ୍ୟାମ୍ପ ପ୍ରୁଫ୍ କୋର୍ଷ) ଭିତରେ ନିର୍ଦ୍ଦିଷ୍ଟ ଗାଢ଼ି ଭରଣ କରିବା ବଦଳରେ ଖରାପ ମାଟି ବ୍ୟବହାର କରାଯାଇଛି, ଯାହା ଭବିଷ୍ୟତରେ କୋଠାର ଗିଡିକୁ ଦୁର୍ବଳ କରିଦେବ । ସେହିପରି ସ୍ଲିପ୍ ଲାଗୁ ତଳେ ଆବଶ୍ୟକୀୟ (ଫ୍ଲେନ୍ ସିମେଂଟ ଙ୍କ୍ରିଟ୍) ନ ଦେଇ ସିଧାସଳଖ ଲତା ଷ୍ଟନ୍ଲେଲ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ଜେଡେ ନିମ୍ନମାନର ହୋଇବା ଆଉ ଏକ ପ୍ରମାଣ ହେଉଛି ବ୍ୟବହୃତ ହେଉଥିବା ଲୁହା ରଡ୍ । ଡ୍ୟାମ୍ପ ପ୍ରୁଫ୍ କୋର୍ଷ ଓ ପିଲାର କାମରେ କୌଣସି ମାନଦଣ୍ଡ ବ୍ୟବହୃତ ରଡ୍ ବଦଳରେ ସ୍ଥାନୀୟ ବଜାରରୁ ମିଳୁଥିବା ଅତି ସାଧାରଣ ରଡ୍ ବ୍ୟବହାର କରାଯାଉଛି । ଏପରିକି ଅନେକ ସ୍ଥାନରେ ସ୍ଲିପ୍ ଲାଗୁ ମାତ୍ର ଗୋଟିଏ ଲେୟର ବା ୫ ଇଂଚର ଉଚ୍ଚରେ ନିର୍ମାଣ କରାଯାଇଛି । ବ୍ୟବହୃତ ଇଟାର ମାନ ମଧ୍ୟ ଅତି ନିମ୍ନଗୁଣାତ୍ମକ ହୋଇଥିବାରୁ ଏହାକୁ ଆଇଏସ ମାନକ ଅନୁଯାୟୀ ପରୀକ୍ଷା କରିବାକୁ ଦାବି ହୋଇଛି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ କଥା କଥା, ଯେଉଁ ଅଧିକାରୀମାନେ ନିଜ ପାଇଁ ଭେଣ୍ଡେଥିବା କାମରେ ସତ୍ୟନିଷ୍ଠା ରକ୍ଷାପାଉନାହାନ୍ତି, ସେମାନେ ସାଧାରଣ ଲୋକଙ୍କ ପାଇଁ ହେଉଥିବା ସଡ଼କ, ବନ୍ଧ କିମ୍ବା ହସ୍ପିଟାଲ ନିର୍ମାଣରେ କିଭଳି ସ୍ୱଚ୍ଛତା ରକ୍ଷିବେ ? ଆଜି ନିଜ କ୍ୱାଟର ପାଇଁ ସୁରକ୍ଷା ସହ ବାହି ଲଗାଉଥିବା ବାବୁମାନେ ଆଗାମୀ ଦିନରେ ଜନସାଧାରଣଙ୍କ ଜୀବନ ସହ ଖେଳ ଖେଳିବାକୁ ପଛାଇବେ ନାହିଁ । ଏହି ଘଟଣାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ନିମ୍ନମାନର କାର୍ଯ୍ୟକୁ ବନ୍ଦ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ କର୍ମଚାରୀ ଓ ଠିକାଦାରଙ୍କ ବିରୋଧରେ ଦ୍ୱିତ୍ୱ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

ବୃନ୍ଦାବନ ସୁଆର ସ୍ମୃତି ସଂସଦ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ

ପାରନୋଖେମୁଣ୍ଡି, ୦୩/୦୫(ଆ.ପ୍ର) : ବୃନ୍ଦାବନ ସୁଆର ସ୍ମୃତି ସଂସଦ ତରଫରୁ ପାରନୋଖେମୁଣ୍ଡି ସ୍ଥିତ କବିଚନ୍ଦ୍ର ସାହିର କାର୍ଯ୍ୟାଳୟରେ ଆଜି ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମାପତି ହର ପ୍ରସାଦ ସୁଆରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଜୋଦିନୀ କଲେଜ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଓ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ. ଭାରତୀ ପାଣିଗ୍ରାହୀ, ପ୍ରଗତି ମହିଳା ସଂଗଠନ ସମ୍ପାଦିକା ବନୁଜା ଶତପଥୀ ଯୋଗ ଦେଇ ବୃନ୍ଦାବନ ସୁଆରଙ୍କ ଜୀବନୀ ଏବଂ କବିତା, ପୁସ୍ତକ ବିଷୟରେ ଆଲୋଚନା କରିଥିଲେ । ଆଗାମୀ ଦିନରେ କେମିତି ଏହି କବିତା ଏବଂ ତାଙ୍କ ଜୀବନୀକୁ ନେଇ ପ୍ରତୋକ ସ୍କୁଲ୍ କଲେଜ୍‌ରେ କୁଇଜ୍ ପ୍ରତିଯୋଗିତା ଦେବ ସେ ବିଷୟରେ ଆଲୋଚନା କରାଯାଇଥିଲା । ବୃନ୍ଦାବନ ସୁଆରଙ୍କ ଆଗାମୀ ଜନ୍ମତିଥିରେ ଏକ ସ୍ମରଣିକା ପତ୍ରିକା ଉନ୍ମୋଚନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବିଜୟ କୁମାର ପଣ୍ଡା, ବସନ୍ତ କୁମାର ପଣ୍ଡା, ସୁରେଶ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଉପସ୍ଥିତ ସମସ୍ତଙ୍କୁ ଶ୍ରୀମାନ ସିଦ୍ଧାର୍ଥ ଶଙ୍କର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସାମାଜିକ କର୍ମୀ ନିମାଇଁ ଚରଣ ସ୍ୱାଇଁଙ୍କ ଆକସ୍ମିକ ବିୟୋଗ

ଜଗତସିଂହପୁର, ୦୩/୦୫(ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ତର୍ପାଁରା ଗ୍ରାମର ସାମାଜିକ କର୍ମୀ, ପରିବେଶ ପ୍ରେମୀ ତଥା ଧର୍ମପରାୟଣ ବ୍ୟକ୍ତି ନିମାଇଁ ଚରଣ ସ୍ୱାଇଁ (ବାଲିକ)ଙ୍କ ୬୬ ବର୍ଷ ବୟସରେ କଟକର ଏକ ବେସରକାରୀ ଚିକିତ୍ସାଳୟରେ ଆକସ୍ମିକ ବିୟୋଗ ଘଟିଛି । ପ୍ରକାଶ ଥାଉକି ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ତଥା ହୃଦୟବାନ ବ୍ୟକ୍ତି ଥିଲେ । ଉକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନେବା ଓ ସ୍ୱାସ୍ଥ୍ୟ ସେବା ଅନୁଷ୍ଠ ସହଯୋଗ ସ୍ଥାନୀୟ ଆବର୍ତ୍ତମାନରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ପାର୍ଥିବ ଶରୀର ପାଖରେ ସହଧର୍ମିଣୀଙ୍କ ସହ ବୁଢ଼ ପୁତ୍ର, ବୁଢ଼ ଜନ୍ୟା,ନାତି,ନାତୁଣୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ । ସରଫଂଚ ବଟକୃଷ୍ଣ ନାୟକ, ସରପଂଚ ଶାନ୍ତିଲତା ହିବେଦୀ, ସାମାଜିକ କର୍ମୀ ରାମ ଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଓଝା,ରବି ବିଶ୍ୱାଳ, ରବି ମହାନ୍ତି, ବିଜନ ମହାପାତ୍ର ଗୋବିନ୍ଦ ବାରିକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପଞ୍ଚଂଚ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କର ବହୁପୁତ୍ର ଜଗନ୍ନାଥ ମୁଖାଗ୍ନି ଦେଇଥିଲେ ।

ମାଟ୍ରିକ ପରୀକ୍ଷାରେ ପାପଡାହାଣ୍ଡି ବ୍ଲକ ଡ଼ଙ୍ଗରା ସ୍ଥିତ ଚଉଁରିଆ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ କଲାର ଟପର



ପାପଡାହାଣ୍ଡି, ୦୩/୦୫(ଆ.ପ୍ର) : ଚଳିତ ବର୍ଷର ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ଼) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ପାପଡାହାଣ୍ଡି ବ୍ଲକର ଡଙ୍ଗରା ସ୍ଥିତ ଚଉଁରିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁବର୍ଣ୍ଣ କଲାର ମୋଟ ୪୯୧ ମାର୍କ (୮୧.୮୩ %) ରଖି ପାପଡାହାଣ୍ଡି ବ୍ଲକ ଟପର ହୋଇଛନ୍ତି । ସେମିନେ ସେ ନିଜ ଘର ଠାରୁ ବିଦ୍ୟାଳୟ ୪ କିମି ଯିବା ଆସିବା କରି ଘର କାମ କରି ପାଠ ପଢୁ ଥିଲେ । ତାଙ୍କ ବାପା ଶ୍ରୀ ପର୍ଶୁରାମ ଲଲାର ଜଣେ ଛୋଟ ଚାଷୀ ମା' ମୁଲ କଲାର ଜଣେ ଗୃହିଣୀ, ଝାଟି ମାଟିର ଘର, ତାଙ୍କ ଘର ପାପଡାହାଣ୍ଡି ବ୍ଲକ ଜାଲିପେଟା ଏହି ଗ୍ରାମ ବ୍ଲକର ଉପାନ୍ତ ଦୂର୍ଗମ ଅଂଚଳରେ ହୋଇଥିବା ବେଳେ ଅଧିକାଂଶ ସମୟରେ ବିଜୁଳି ଆଲୋକ ନଥାଇ ସେ ପାଠ ପଢି ବ୍ଲକରେ ସର୍ବାଧିକ ନମ୍ବର ରଖି ନିଜ ବିଦ୍ୟାଳୟ, ପରିବାର, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନାମ ରଖିଛନ୍ତି । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଏବଂ ପରିବାର ଲୋକଙ୍କୁ ବିଦ୍ୟାଳୟ ଶିକ୍ଷକଙ୍କ ଜିଜଟରୁ ଏବଂ ଲୋକଙ୍କ ଠାରୁ ଶ୍ରୁଲେଖାର ସୁଅ ଛୁଟୁଛି ।

ପାରିବାରିକ କଳହରେ ଭାଇବୋହୂ ହତ୍ୟା, ଦେଢଶୁର ଗିରଫ

ବଣାଇଁ, ୦୩/୦୫(ଆ.ପ୍ର) : ବଣାଇଁ ଥାନା ଅନ୍ତର୍ଗତ ଜାବିକା ଗ୍ରାମରେ ଶନିବାର ରାତ୍ରି ପ୍ରାୟ ୮ଟା ସମୟରେ ଏକ ଦୁଃଖଦ ଓ ଚମତ୍କାରକ ଘଟଣା ଘଟିଛି । ପାରିବାରିକ କଳହକୁ କେନ୍ଦ୍ର କରି ଦେଢଶୁରଙ୍କ ଆକ୍ରମଣରେ ଭାଇବୋହୂଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି । ମୃତକା ହେଲେ ସ୍ୱର୍ଗତ ଜଗୁଲା କିସାନଙ୍କ ସ୍ତ୍ରୀ ଜୟନ୍ତୀ କିସାନ (୪୫) । ଅଭିଯୋଗ ଅନୁସାରେ, ଜୟନ୍ତୀ ଗୋଷେଲ ଲାମ ଲଉଥିବା ବେଳେ ତାଙ୍କ ଦେଢଶୁର ପରଦେଶୀ କିସାନ (୪୮) ସହିତ କିଛି କଥାକାଟାକାଟି ହୋଇଥିଲା । ଏହା ପରେ ଉତ୍ତେଜିତ ହୋଇ ପରଦେଶୀ ଏକ ଧାଉଁଆ ଫାର୍ସା ଦ୍ୱାରା ଜୟନ୍ତୀଙ୍କୁ ଆକ୍ରମଣ କରିଥିବା କୁହାଯାଉଛି । ଗୁରୁତର ଆହତ ହୋଇ ଜୟନ୍ତୀ ଘଟଣାସ୍ଥଳରେ ଅଚେତ ହୋଇପଡିଥିଲେ । ପଡୋଶୀମାନେ ତୁରନ୍ତ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ବଣାଇଁ ପୋଲିସ ତୁରନ୍ତ ଘଟଣାସ୍ଥଳକୁ ପଞ୍ଚଂଚି ଅଭିଯୁକ୍ତ ପରଦେଶୀ କିସାନଙ୍କୁ ଗିରଫ କରିଥିବା ଜଣାପଡିଛି । ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଏପରି ଦୁଃଖଦ ଘଟଣା ପୁନରାବୃତ୍ତି ନ ହେବା ପାଇଁ ସ୍ଥାନୀୟ ଲୋକେ ପରିବାର ମଧ୍ୟରେ ସହିଷ୍ଣୁତା ଓ ସମ୍ବାଦର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି ।

ଶୁଭଲକ୍ଷ୍ମୀ ବେହେରାଙ୍କ ଏ-୧ ରେଜଲ୍ଟ

ଟାଙ୍ଗୀ ଚୌଦ୍ୱାର, ୦୩/୦୫(ଆ.ପ୍ର) : ଚଳିତ ମାଟ୍ରିକ ପରୀକ୍ଷା ଫଳରେ ଜଜବ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବଖଣ୍ଡି ଗ୍ରାମର ଶୁଭଲକ୍ଷ୍ମୀ ବେହେରା, ପିତା - ସୁଦାମ ଚନ୍ଦ୍ର ବେହେରା , ମାତା - ସବିତା ବେହେରାଙ୍କ ଏକ ମାତ୍ର ଝିଅ ପିଏମ୍ ଶ୍ରୀ ଲଖଡି ନୋଡାଲ ରଜ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ୫୪୯ ନମ୍ବର ରଖି (ଏ ୧)ଗ୍ରେଡରେ ଉତୀର୍ଣ୍ଣ ହୋଇଛନ୍ତି, ଶୁଭଲକ୍ଷ୍ମୀଙ୍କ ଏହି ସଫଳତା ପାଇଁ ବିଜିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ମାଛ ଧରିବାକୁ ଯାଇ ଡ୍ୟାମରେ ବୁଡ଼ି ଯୁବକ ମୃତ

କୋଳସରା, ୦୩/୦୫(ଆ.ପ୍ର) : ମାଛ ଧରିବା ପାଇଁ ଯାଇଥିବା କୋଳସରା ବ୍ଲକ ଆମପାଣି ଥାନା ଖଲିଗଡ ଗ୍ରାମର ଜଣେ ଯୁବକ ଡ୍ୟାମ୍ ର ଅଳାତ କାତ ପାଣି ଭିତରେ ବୁଡ଼ି ଯାଇ ନିଖୋଜ ହୋଇଯାଇଥିଲେ । ଆଜି ଅଗ୍ନିଶମ ବାହିନୀ ଦ୍ୱାରା ସମ୍ମରେ ପରିଶ୍ରମ ପରେ ପାଣି ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ମୃତ ଯୁବକ ଜଣକ ହେଲେ ଖଲିଗଡର ସାଧୁରାମ ବାଗ (୪୫) । ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ଗାଁ ନିକଟସ୍ଥ ବେହେରା ଡ୍ୟାମକୁ ମାଛ ଧରିବାକୁ ଯାଇଥିଲେ । ତେବେ ସମ୍ମୟ ପରେ ମଧ୍ୟ ସାଧୁରାମ ଘରକୁ ଫେରି ନଥିଲେ । ଏହା ପରେ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଯାଇ ଡ୍ୟାମର ପାଣି ଭିତରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନଥିଲା । ଏହି ପରେ ମୃତକଙ୍କ ଝୀ ଆମପାଣି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ରବିବାର ଆମପାଣି ଥାନା ପୋଲିସ ଓ କୋଳସରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚିଥିଲେ । ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଗଙ୍କ ନେତୃତ୍ୱରେ ଜାବିକାର ସୁଜାତଜଞ୍ଜନ ବାରିକ୍ ଜାର୍ମମାରା ସ୍ମୁଟି ରଞ୍ଜନ ବିଶ୍ୱାଳ, ଜମାଶଙ୍କର ନାଏକ, ରାଧେଶ୍ୟମ ପ୍ରଧାନୀ, ବିଶ୍ୱଜିତ ଜେନା ପ୍ରମୁଖ ବୋଟ ଓ ଅଞ୍ଚଳ ଝାଡ଼ର ବିଏଡେଟ ସହାୟତାରେ ଦୀର୍ଘ ୩ ଘଂଟାର ଅକ୍ଲାନ୍ତ ପରିଶ୍ରମ ପରେ ପ୍ରାୟ ୨୫ ଫୁଟ୍ ପାଣି ଭିତରୁ ସାଧୁରାମଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଏହା ପରେ ଅଗ୍ନିଶମ ବାହିନୀ ପୋଲିସକୁ ଶବ ହସ୍ତାନ୍ତର କରିଥିଲେ । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋଳସରା ମେଡିକାଲକୁ ଅଧିକ ତଦନ୍ତ କରି ଉଲ୍ଲେଖିବା ଥାନା ପକ୍ଷରୁ ସୂଚନା ମିଳିଛି ।

ସ୍ୱାସ୍ଥ୍ୟ ସମସ୍ୟା ନେଇ ଅଂଟା ଭିଡ଼ିଲା କ୍ରିୟାନୁଷ୍ଠାନ କମିଟି

ଜି.ଉଦୟଗିରି, ୦୩/୦୫(ଆ.ପ୍ର) : ଜି.ଉଦୟଗିରି ଅଂଚଳରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୁଚିକରେ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ ସେବା ସମସ୍ୟା ନେଇ ଅଂଟା ଜିଡ଼ିଲା ମିଳିତ କ୍ରିୟାନୁଷ୍ଠାନ କମିଟି । ଉଦିଚାର ସ୍ଥାନୀୟ ବ୍ୟବସାୟୀ ସଂଘ ସଭା ଗୃହରେ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକକୁ ବରିଷ୍ଠ ସମାଜସେବୀ ତଥା ଅବସରପ୍ରାପ୍ତ ଫରେଷ୍ଟ ଅଧିକାରୀ ସାଲୁଜୁ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ଓ ବ୍ଲକ୍‌ରୁ ବହୁ ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ସ୍ୱାଳ ସଂଗଠନର ସମାଜସେବୀ, ପୂର୍ବତନ ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ବିଭିନ୍ନ ସଙ୍ଗଠନର କର୍ମଚାରୀ, ବିଭିନ୍ନ ସଂଘର ସଦସ୍ୟ ମାନେ ଯୋଗ ଦେଇ ଜି.ଉଦୟଗିରି ଅଂଚଳର ସ୍ୱାସ୍ଥ୍ୟ ସମସ୍ୟା ତଥା ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଅଉଟ୍‌ସୋର୍ସିଙ୍ଗ ବ୍ୟବସ୍ଥା, ଉକ୍ତ ଉଣ୍ଣାଳ ସ୍ଥାପନ ନେଇ ଆଲୋଚନା କରିଥିଲେ । ସୂଚନା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଅଛନ୍ତି ଏବଂ ଉପସ୍ଥାପନ ମଧ

ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ପ୍ରବଳ ବର୍ଷା ପବନରେ ଗଛପଡି ମୃତ୍ୟୁ ଓ ଗୁରୁତର ହୋଇଥିବା ପରିବାରଙ୍କୁ ଭେଟିଲେ ପାରଳା ବିଧାୟକ

ପାରକାଖେମୁଣ୍ଡି, ୦୩/୦୫(ଆ.ପ୍ର) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଗଶାଳ ଗ୍ରାମରେ ଶୁକ୍ରବାର ପ୍ରଚଳ ବର୍ଷା ପବନରେ ଗଛ ପଡ଼ି ମୃତ୍ୟୁ ହୋଇଥିବା କେ. ମନ୍ମଥ ରାଉତଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି ପାରକାଖେମୁଣ୍ଡି ବିଧାୟକ ଜଂ.ରୂପେଶ କୁମାର ପାଣିଗ୍ରାହୀ । ମୃତକପରିବାରଙ୍କୁ ଭେଟି ଆଲୋଚନା କରିବା ସହ ଗଭୀର ସମବେଦନା ଜଣାଇଛନ୍ତି । ସେହିପରି ଏହି ଘଟଣାରେ ଗୁରୁତର ଆଘାତ ପାଇଥିବା ଏ. ଶ୍ରୀନିବାସ ଗାଉଙ୍କ ପରିବାର ସହ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କେ ପଚାରି ବୁଝିଥିଲେ । ଉଭୟ ପରିବାରଙ୍କ ସହ ମିଶି ଆଶ୍ୱାସନା ଦେବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏଥି ସହ ଦୁର୍ଘଟଣାଜନିତ ତଥା ଦୋଳାଜ ଉପରେ ଗଛ ପଡ଼ି ମୃତ୍ୟୁ ହୋଇଥିବା ସ୍ଥାନକୁ ଯାଇ ବିଧାୟକ ଦେଖି ଗୁରୁତର ବନ ବିଭାଗ ଅଧିକାରୀ କେ. ନାଉରାଙ୍କୁ ଫୋନ୍ ମାଧ୍ୟମରେ ଆଲୋଚନା କରି ସେଇ ସ୍ଥାନରୁ ବିପଦଶଙ୍କୁଳ ଅବସ୍ଥାରେ ଥିବା ଗଛ ଓ ଡାଳ ଗୁଡ଼ିକୁ ହଟାଇବା ପାଇଁ ଆଲୋଚନା କରିଥିଲେ । ଏହି ଗ୍ରୀଷ୍ମ ସମୟରେ ବିଧାୟକ ସମେତ ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍. ବିରଜାଙ୍କୁ , ସ୍ଥାନୀୟ ସରପଂଚ ଟି .ରାମଗାଳୁ ପ୍ରମୁଖ ଉପସ୍ଥିତ ଥିଲେ ।

ପଛରୁ ବାଇକକୁ ପିଟିଲା ବାଇକ୍, ୭ବର୍ଷର ଶିଶୁପୁତ୍ର ଗୁରୁତର



ନୀଳଗିରି, ୦୩/୦୫(ଆ.ପ୍ର) : ଏକ ବାଇକରେ ଦୁଇଜଣିରେ ପଛରୁ ଆସି ଅନ୍ୟଏକ ବାଇକକୁ ଧକ୍କାଦେବା ଫଳରେ ଜଣେ ନାବାଳକ ଶିଶୁପୁତ୍ର ଗୁରୁତର ହେବାସହିତ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ଘଟଣାଟିଛି । ସୂଚନା ମୁତାବକ ନୀଳଗିରି ବ୍ଲକ୍ ବରହମପୁର ଅଂଚଳର ଅମିତ୍ କୁମାର ଦାସ ନିଜ ପୁଅ, ଝିଅ ଏବଂ ସ୍ତ୍ରୀ ସହିତ ସୋର ମଙ୍ଗଳପୁର ଅଂଚଳର ବନ୍ଧୁଗଡ଼ ଶେଗଡ଼ାଡ଼ ଦେଇ ବରହମପୁର ଘରକୁ ଫେରୁଥିଲେ । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରା ଶନିମନ୍ଦିର ନିକଟରେ ପଛପଟୁ ଧୋବଶିଳା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସୁଶାନ୍ତ ମଲ୍ଲିକ ଏକ ପମ୍ପର ଗାଡ଼ିରେ ଆସି ପଛପଟୁ ଧକ୍କାଦେବା ଫଳରେ ଅମିତଙ୍କ ପରିବାର ସହିତ ସୁଶାନ୍ତ ପଡ଼ିଯାଇଥିଲେ । ଫଳରେ ଅମିତଙ୍କ ୭ବର୍ଷର ଶିଶୁପୁତ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଦେଖାଯାଇଛି । ଅମିତ୍ ଏବଂ ତାଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ମାତ୍ର ଝିଅର କୌଣସି କ୍ଷତି ହୋଇନଥିବା ବେଳେ ସୁଶାନ୍ତଙ୍କର ନାକରୁ ରକ୍ତସ୍ରାବ ହେଉଥିବା ବେଳେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣି ଚିକିତ୍ସା କରାଯାଇଥିବା ଜଣାଯାଇଛି ।

ଭୋଗରାଇ ବ୍ଲକରେ ମେଟ୍ରିକ୍ ପରୀକ୍ଷାରେ ୯୭.୭ ପ୍ରତିଶତ ଉତୀର୍ଣ୍ଣ

ଭୋଗରାଇ, ୦୩/୦୫(ଆ.ପ୍ର) : ଭୋଗରାଇ ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୩ ଟି ବିଦ୍ୟାଳୟରେ ୩୪୫୭ ପରୀକ୍ଷାର୍ଥୀ କୃତ କାର୍ଯ୍ୟ ହୋଇଥିବା ବେଳେ ୭୯ ଜଣ ଫେଲ ହୋଇଛନ୍ତି । ଏ-୧ ରେ ବର୍ଡମ୍ବା ଆର ଏନ୍ ଏକାଡେମୀ ୧ ଜଣ, ଜଳେଶ୍ୱରପୁର ହାଇସ୍କୁଲ ୪ ଜଣ, ଶଙ୍ଖାମନ୍ଦାପୁର ବିଡିଏଲକେ ନୋଡାଲ ହାଇସ୍କୁଲ ୫ ଜଣ, ଜଟିସାହି ଦିସି ହାଇସ୍କୁଲ ୧ ଜଣ, ଚରିତାପୁର ନରେନ୍ଦ୍ର ନାଥ ହାଇସ୍କୁଲର ୧ ଜଣ, କଣ୍ଡାରା ବିଦ୍ୟା ଏକାଡେମୀ ୧ ଜଣ, ବାଟସରିଷା ଭୋଳନାଥ ବିଦ୍ୟାପୀଠ ୧ ଜଣ, ଚନ୍ଦ୍ରପୁର ଏସ୍.ଏନ୍.ହାଇସ୍କୁଲ ୧ ଜଣ, ବାଉଚିଆ ଜନାର୍ଦ୍ଦନ ହାଇସ୍କୁଲ ୧ ଜଣ, ବାଙ୍କାଙ୍କୀ ସର୍ବେଶ୍ୱର ହାଇସ୍କୁଲ ୨ ଜଣ, ଜୟରାମପୁର ନୋଡାଲ ହାଇସ୍କୁଲ ୧ ଜଣ, ସୁକଳଣ୍ଡା ହାଇସ୍କୁଲ ୨ ଜଣ, ଶଙ୍ଖାମୀ ମଧୁସୂଦନ ହାଇସ୍କୁଲ ୩ ଜଣ, ଜଳୁଆଡି ପିସି ହାଇସ୍କୁଲ ୧ ଜଣ, କମାର୍ଦ୍ଦା ଜଗନ୍ମୟ ହାଇସ୍କୁଲ ୨ ଜଣ, ତାରପୁର ହାଇସ୍କୁଲ ୧ ଜଣ, ବାଗଦଣ୍ଡିଆ ହାଇସ୍କୁଲ ୧ ଜଣ, ମାଳୁଗୋଡ଼ ସୀମାନ୍ତ ହାଇସ୍କୁଲ ୪ ଜଣ, ଭୋଗରାଇ ଇଗୋ ଚନ୍ଦ୍ର ନୋଡାଲ ଏକାଡେମୀ ୨ ଜଣ, ଝଟିପିଶୀ ପି. କେ. ଏକାଡେମୀ ୧, ବାହୁଣଗଡ ଏସ. ଏସ. ହାଇସ୍କୁଲ ୧ ଜଣ, ସୋରଡିଆ ଦିଲ୍ଲୀ କୁମାର ଏକାଡେମୀର ୧ ଜଣ, ପୁରୁଷୋତମପୁର ଝଟପେଡଶ୍ୱର ହାଇସ୍କୁଲ ୧ ଜଣ ଉତୀର୍ଣ୍ଣ ହୋଇଛନ୍ତି । ଏ-୨ ରେ ୧୬୫, ବି-୧ ରେ ୪୪୧, ବି-୨ ରେ ୭୧୫, ସି ରେ ୮୭୧, ଡି ରେ ୭୯୬, ଇ ରେ ୪୩୧ ରେ ପାସ୍ ହୋଇଛନ୍ତି ।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ପରିବେଶ ସୁରକ୍ଷା ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମ

ନିମାପଡା, ୦୩/୦୫(ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାଲିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ନୀତି -୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀମାନ ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଅନୁଷ୍ଠାନିକ ଭାବରେ ଏହି ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସୂଚନା ଯୋଗ୍ୟ ଏହି ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମ ୩୫ ଦିନ ପର୍ଯ୍ୟନ୍ତ ଚାଲିବ । ଆଜିର ପ୍ରଥମ ଦିବସରେ ମହାବିଦ୍ୟାଳୟ ଏବଂ ଜାତୀୟ ସମନ୍ୱିତ ମାନବ ଓ ଶିକ୍ଷ ବିକାଶ ସଂସ୍ଥାର ମିଳିତ ଆନୁକୂଲ୍ୟରେ 'ପରିବେଶ ସୁରକ୍ଷା' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ଜାତୀୟ ସମନ୍ୱିତ ମାନବ ଓ ଶିକ୍ଷ ବିକାଶ ସଂସ୍ଥା (ନିଡିତା)ର ସମ୍ପାଦକ ତଥା ଜିଲ୍ଲା ପରିଷଦ ଭାଇସ ଚେୟାରମ୍ୟାନ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଅନୁଷ୍ଠାନିକ ଭାବରେ ଏହି ପ୍ରଶିକ୍ଷାର୍ଥୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସଭାନାତ ଅତିଥି ରୂପେ ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମୃତି ସାରଙ୍ଗୀଙ୍କା କାନୁନଗୋ ଏବଂ ସହାୟକ ସାଧନ ବ୍ୟକ୍ତିତ୍ୱ ରୂପେ ବିପର୍ଯ୍ୟୟ ପରିଚାଳନାର ଆପଦ ମିତ୍ର ଡୋମ୍ପନ କୁମାର ବେହେରା ଯୋଗଦେଇଥିଲେ । ଇତିହାସ ବିଭାଗ ମୁଖ୍ୟ ତଥା କାର୍ଯ୍ୟକ୍ରମର ସଂଯୋଜିକା ମୋନର ପୁଷ୍ପଲତା ଦତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ବାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ସଂସ୍କୃତ ବିଭାଗ ମୁଖ୍ୟ ଡ଼ଃ ପୁଣିମା ମହାନ୍ତି, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସିପ୍ରାରାଣୀ ମହାପାତ୍ର, ରାଜନୀତି ବିଭାଗ ମୁଖ୍ୟ ସୁରେଶ ଚନ୍ଦ୍ର କର, ଅଧ୍ୟାପକ ଅନାଥ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବାଲିକ, ଅଧ୍ୟାପିକା ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ପରିଶେଷରେ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପିକା ସୁଲୋଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋପିଗୁଡ଼ା ଗ୍ରାମଠାରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ

ମୈଦବପୁର, ୦୩/୦୫(ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦବପୁର ପଂଚାୟତ ଗୋପିଗୁଡ଼ା ଗ୍ରାମ ଠାରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ୦୧.୦୫.୨୬ ତାରିଖ ଦିନ ଅପରାହ୍ନ ୪.୩୦ ସମୟରେ ଗୋପିଗୁଡ଼ା ଗ୍ରାମ ଶତାଧିକ ମହିଳା ଓ ଗ୍ରାମବାସୀ ସଂକୀର୍ତ୍ତନ ମଣ୍ଡଳି ସହ ବୃନ୍ଦାବନ ସ୍ଥିତ ପୋଖରୀ ରୁ ଜଳଖିଆ ଗୁଡା ସ୍ଥିତ ପୋଖରୀ ରୁ ଜଳଖରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରି ପୂଜକ ଦ୍ୱାରା ଅଧିବାସ ପୂଜା ବିଧି ନିତିରେ କରିଥିଲେ । ୦୨.୦୫.୨୬ ତାରିଖ ସକାଳ ୭ ଘଂଟା ସମୟରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୦୩.୦୫.୨୬ ତାରିଖ ସକାଳ ୭ ଘଂଟା ସମୟରେ ନାମ ଶେଷ ହୋଇ, ନଗର ପରିକ୍ରମା ପରେ ବଧ୍ୟ ହାଣ୍ଡି ଭଙ୍ଗା ଯିବ । ଗୋପିଗୁଡ଼ା ଗ୍ରାମରେ ପ୍ରଥମ ଥର ପାଇଁ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିବାରୁ ଗ୍ରାମ ବାସୀ ବହୁତ ଆନନ୍ଦ ଉତ୍ସବମୟ ହୋଇ ଉଠିଛି । ଆଖ ପାଖ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ସମାଗମ ହେବା ସହିତ ଗୋପିଗୁଡ଼ା ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଏଥିରେ ୯ଟି ସଂକୀର୍ତ୍ତନ ଦୋଳ ଗୋପିଗୁଡ଼ା, ଛୋଟାଗୁଡ଼ା, ଗଣ୍ଡଭଟ୍ଟା, ପିଡାରିଗୁଡ଼ା, କାଉଡଜା, କେନ୍ଦୁଡଙ୍ଗରି, କେନ୍ଦୁଗୁଡ଼ା, ଭଲପୁର ଓ ଗୋଡିଶା ପଦର ଗ୍ରାମର ସଂକୀର୍ତ୍ତନ ଦୋଳ ଯୋଗ ଦେଇଥିଲେ । ତିନି ହଜାର ଭକ୍ତଙ୍କ ପାଇଁ ଅର୍ଥ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ଏଥିରେ ହିରାଧର ମାଝୀ, ଭରତବ ବାଣ୍ଡୁଆ, ଉର୍ଦ୍ଧବ ନାୟକ, କର୍ପୁର ପୂଜାରୀ, ରାଜିବ ପୂଜାରୀ, ନାନାୟର ସରଦା, ଅଭିମାଝୀ, ବଂଶୀ ଧାର ମିଶ୍ର, ମିନ ମାଝୀ, ବିଷ୍ଣୁ ବାଣ୍ଡୁଆ, ନିଳକଣ୍ଠ ମାଝୀ, ନରସିଂ ମାଝୀ ହେମନ୍ତ ମାଝୀ, ରାମ ନାୟକ ଓ କମଳ ଲୋଚନ ପୂଜାରୀ ପ୍ରଭୃତି ଲୋକ ସହ ଯୋଗ କରିଛନ୍ତି ।

ଆନ୍ଧ୍ରରେ ଦାଦନ ଶ୍ରମିକ ମୃତ

ପାଡ଼ୁପୁର, ୦୩/୦୫(ଆ.ପ୍ର) : ବ୍ରହ୍ମପୁର ପୋଲିସ୍ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଫାଂଗାମ୍ବ ଗ୍ରାମର ଜମାଳାନ୍ତ ପ୍ରଧାନ (୫୫) ସୁରଙ୍ଗୀ ନିକଟସ୍ଥ ସ୍କୁଲଦେଇ ପେଣ୍ଡ ଗ୍ରାମରେ ଘର କ୍ରାଟି ଘୋଳଥିଲେ । ଜମାଳାନ୍ତ ଗୁଜୁରାଣ ମେଂଟାଲବା ପାଇଁ ଆନ୍ଧ୍ର ପ୍ରଦେଶ ଯାଇ ରାଜମହ୍ରି ନିକଟସ୍ଥ ଏକ କମ୍ପାନୀରେ ପଥର କ୍ରୁଷ କାର୍ଯ୍ୟରେ ନିୟୋଜିତ ଥିଲେ । ସେଠାରେ ଜମାଳାନ୍ତ ଜଳ ରକ୍ତଚାପର ଶିକାର ହୋଇ ମୂର୍ଚ୍ଛିତ ହୋଇ ପଡ଼ିଯାଇଥିବା ବେଳେ କମ୍ପାନୀ ତରଫରୁ ସ୍ଥାନୀୟ ଡାକ୍ତରଖାନା ନେଇ ଚିକିତ୍ସା କରାଯାଇ ଥିଲା । ପରବର୍ତ୍ତୀ ସମୟରେ ଟ୍ରେନ୍ ଷ୍ଟେଶନ ଦେଖାଣୁ ତାଙ୍କର ମୃତ୍ୟୁ ହୋଇଥିବା ସେଠାକାର ଡାକ୍ତର ଘୋଷଣା କରିଥିଲେ । ଚିକିତ୍ସା ଖର୍ଚ୍ଚ ବହନ କରିବା ସହ ଲାଶ ଘରକୁ ଗ୍ରାମକୁ ଆଣିବା ବ୍ୟବସ୍ଥା କମ୍ପାନୀ କରିଥିବା ଜଣାପଡ଼ିଛି । ଶନିବାର ଏକ ଶୋକାକୁଳ ପରିବେଶ ଭିତରେ ଗ୍ରାମରେ ପୋଡ଼ରେ ଜମାଳାନ୍ତଙ୍କ ଶବ ସତ୍କାର ହୋଇଥିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ପ୍ରଶାସନକୁ ଗୁହାରୀ କରିଛନ୍ତି ।

ଜୟପାଟଣା ବ୍ଲକର ଚନ୍ଦନ ସାହୁଙ୍କ ଅକାଳ ବିୟୋଗ

ଜୟପାଟଣା, ୦୩/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ କାର୍ଯ୍ୟରତ ବିସିସି ଚନ୍ଦନ ସାହୁ (୪୦)ଙ୍କ ଅକାଳ ମୃତ୍ୟୁ ଘଟିଥିବା ଖବର ପ୍ରଚାର ପାଇବା ସହିତ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଅଂଶୁଗାଡ (ଦୂର୍‌ଗୋଗ ଆଙ୍କମଣ) ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ଗତ ଗୁରୁବାର ଦିନ ଶ୍ରୀ ସାହୁ ସାଧାରଣ ଭାବେ ବ୍ଲକ କାର୍ଯ୍ୟାଳୟରେ ନିଜ କାର୍ଯ୍ୟ ସମାପ୍ତ କରି ଦିନ ପ୍ରାୟ ସାଢେ ଚାରୋଟାୟ ବେଳେ ନିଜ ଗାଁ କୋଳକରା ବ୍ଲକର ଚିକିଲିଲୁ ଫେରିଥିଲେ । ଘରକୁ ପହଂଚିବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିଥିବାରୁ ସେ ବିଶ୍ରାମ ନେଇଥିଲେ । ପରବର୍ତ୍ତୀ ଦିନ ସକାଳେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲା । ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟରେ ସାମାନ୍ୟ ସୁଧାର ଦେଖାଯାଇଥିଲା ଓ ସେ ଘରକୁ ଫେରିଥିଲେ । କିନ୍ତୁ ସନ୍ଧ୍ୟାବେଳେ ପୁଣି ଅସୁସ୍ଥତା ବଢ଼ିଯାଇଥିଲା । ତତ୍ ଶୀଘ୍ର ପ୍ରଥମେ ଲୋକସରା ଘୋଷୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କୁନାଗଡଠାରେ ଏକ ସରୋଲ ନର୍ସିଂହୋମକୁ ନେଇଯାଇଥିଲା । ତତ୍ପରି ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହାରିଥିଲେ । ମୃତଦେହକୁ ନିଜ ଗାଁ ଚିକିଲିଲୁ ଆଣାଯାଇ ପରେ ଗାଁ ମଶାଣିରେ ଶବ ସଂସ୍କାର କରାଯାଇଛି । ଶେଷ ଦର୍ଶନ ସମୟରେ ଜୟପାଟଣା ବ୍ଲକର ଅଧିକାରୀ, ସହକର୍ମୀ ଓ ବନ୍ଧୁ-ପରିଜନ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । କୋକସରା ବ୍ଲକର ଚିକିଲି ଗ୍ରାମରେ ଜନ୍ମ ନେଇଥିବା ଚନ୍ଦନ ସାହୁ ନିଜ ପରିଶ୍ରମ ଓ କର୍ତବ୍ୟନିଷ୍ଠା ଦ୍ୱାରା ଜୟପାଟଣା ବ୍ଲକରେ ଏକ ସଫଳ ଓ ଲୋକପ୍ରିୟ ଅଧିକାରୀ ଭାବେ ପରିଚିତ ହୋଇଥିଲେ ।

ଖଣ୍ଡପଡ଼ା ବ୍ଲକ ଟପ୍ପର ହେଲେ ଅଜିତ



ଖଣ୍ଡପଡ଼ା, ୦୩/୦୫(ଆ.ପ୍ର) : ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଥିବା ବେଳେ ନନମାଳାପୁର ଜଳ ବିଦ୍ୟାଳୟର ଛାତ୍ର ଅଜିତ କୁମାର ତ୍ରିପାଠୀ ଖଣ୍ଡପଡ଼ା ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିଛି । ଛାତ୍ର ଅଜିତ କୁମାର ତ୍ରିପାଠୀ ସର୍ବମୋଟ ୫୫୭ ନମ୍ବର ରଖି ଏ -୧ ଗ୍ରେଡ଼ରେ ଉତୀର୍ଣ୍ଣ ହେବା ସହ ଅଂଚଳବାସୀ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ନନମାଳିପୁର ଜଳ ବିଦ୍ୟାଳୟର ଛାତ୍ର ସୂର୍ଯ୍ୟକାନ୍ତ ସାହୁ ସର୍ବମୋଟ ୫୪୨ ମାର୍କ ରଖି ଏ -୧ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇ ବ୍ଲକ ସ୍ତରରେ ୨ ୟ ସ୍ଥାନ ଅଧିକାର କରିଥିବା ସୂଚନା ମିଳିଛି । ସେହିପରି ରାଣୀପଦା ଫାଂଚାୟତ ସ୍ଥିତ ବିଡିଡିହି ଜଳ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାରଣା, ରାଣୀଛେଲି ଫାଂଚାୟତ ସ୍ଥିତ ଖାଲି ଅପରରା ଜଳ ବିଦ୍ୟାଳୟର ଛାତ୍ର ବିଶ୍ୱନାଥ ପଣ୍ଡା ଓ ଜଗନ୍ନାଥପୁରାଦ ଜଳ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନା ଜେନା ସର୍ବମୋଟ ୫୪୦ ନମ୍ବର ରଖି ସୁସ୍ଥ ଭାବେ ୩ ୟ ସ୍ଥାନରେ ରହି ଏ-୧ ରେ ଉତୀର୍ଣ୍ଣ ହୋଇଥିବା ପ୍ରକାଶିତ ପରୀକ୍ଷା ଫଳରୁ ଜଣାପଡିଛି । ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଅନୁଷ୍ଠାନ ଜର୍ଜ୍ଜରିତ ଗର୍ବ ଅନୁଭବ କରିଛନ୍ତି ।

କେଉଁଝର ଜିଲ୍ଲା ହାଟଡିହି ବ୍ଲକର ତିନି ଜଣ ସରକାରୀ କର୍ମଚାରୀ ଭିଜିଲାନ୍ସ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ

ହାଟଡିହି, ୦୩/୦୫(ଆ.ପ୍ର) : ହାଟଡିହି ବ୍ଲକ ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ବିରୋଧୀ ଘଟଣାକ୍ରମରେ, ଓଡ଼ିଶା ଭିଜିଲାନ୍ସ କେନ୍ଦ୍ରର ଜିଲ୍ଲା ହାଟଡିହି ବ୍ଲକର ତିନି ଜଣ ସରକାରୀ କର୍ମଚାରୀଙ୍କୁ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରିଛି । ୦୨.୦୫.୨୦୨୬ ରେ, ୧) ଗଙ୍ଗାଧର ନାଏକ, ପୂର୍ବତନ କନ୍ୟାଶ୍ରୀ ସମ୍ପୃକ୍ତାରଣ ଅଧିକାରୀ (ଅବସରପ୍ରାପ୍ତ), ୨) ଉମେଶ ଚନ୍ଦ୍ର ସେଠି, ପୂର୍ବତନ ମଧ୍ୟ ସମ୍ପୃକ୍ତାରଣ ଅଧିକାରୀ (ଅବସରପ୍ରାପ୍ତ), ଏବଂ ୩) ଶ୍ରୀକାନ୍ତ ସେଠି, ପୂର୍ବତନ ପ୍ରଗତିଶୀଳ ସହାୟକ (ଅବସରପ୍ରାପ୍ତ), ସମସ୍ତେ କେଉଁଝର ଜିଲ୍ଲା ହାଟଡିହି ବ୍ଲକ ନିବାସୀ, ଯେଉଁମାନଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ପିସି ଆକ୍ଟର, ୧୯୮୮/୪୦୯/୪୭୭-ଏ/୪୨୦/୧୨୦-ବି ଆଇପିସି ଉ ଧାରା ୧୩(୨) ଦ୍ୱାଙ୍କ ୧୩(୧)(ସି) ଅନ୍ତର୍ଗତ ଚାର୍ଜସିଟ୍ କରାଯାଇଥିଲା, ୨୦୦୨-୦୩ ବର୍ଷରେ ଶ୍ରମ ଘଟିତ ପ୍ରକଳ୍ପରେ ବ୍ୟବହାର ପାଇଁ ଝ ଏଲଣ (ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା) ଅଧୀନରେ ପ୍ରାପ୍ତ ସରକାରୀ ତାଙ୍କର ଅପବ୍ୟବହାର ପାଇଁ ଂଚ, ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, କେଉଁଝର ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇଛି । ମାନ୍ୟବର କୋର୍ଟ ପ୍ରତ୍ୟେକ ଦୋଷୀଙ୍କୁ ୨ ବର୍ଷ ପାଇଁ ଶ୍ରମ କାରାଦଣ୍ଡ ଏବଂ ୧୦,୦୦୦/- ଟଙ୍କା ଜରିମାନାଂ ଦଣ୍ଡିତ କରିଛନ୍ତି ।

ମୃତ୍ୟୁ ମୁଖରେ ଅସହାୟ ମହିଳା ଶ୍ରମଜୀବୀ

ନିମାପଡା, ୦୩/୦୫(ଆ.ପ୍ର) : ପୁରୀ ଜିଲ୍ଲା କାଳଟପୁର ବ୍ଲକ ଓଖଲା ପଂଚାୟତ ଚନପୁର ଗ୍ରାମର ଅସହାୟ ମହିଳା ଶ୍ରମଜୀବୀ କମକ ଲତା କାଣି କର୍ଣ୍ଣଟ ରୋଗରେ ପୀଡିତ ହୋଇ ବିକଳ୍ପ ଅବେଳେନ୍ସ ମୃତ୍ୟୁ ସହ ସଂଗ୍ରାମ କରୁଛି । କୌଣସି ଦିଗରୁ ସାହାଯ୍ୟ ନ ପାଇ ସେ ବିଶ୍ୱ ଶ୍ରମିକ ଦିବସରେ କାଳଟପୁର ଏଚିରିପି ନଗର ସରପଡିଙ୍କ ସହଯୋଗ କାମନା କରନ୍ତେ ସେହି ଅସହାୟ ରୋଗଗ୍ରସ୍ତ ମହିଳା ଶ୍ରମ ଜୀବିଙ୍କୁ ଆଚାର୍ଯ୍ୟ ହରିହର କର୍ଣ୍ଣଟ ରୋଗ ଚିକିତ୍ସାଳୟ ପଞ୍ଚଂଚାକବାଲ ବ୍ୟବସ୍ଥା କରିଛନ୍ତି । ରୋଗୀଙ୍କ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୪ ମଇ, ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ହ୍ୟାଟ୍ରିକ୍ ବିଜୟ ହାସଲ କଲା କୋଲକାତା, ଧୂଳି ଚାଟିଲା ହାଇଦ୍ରାବାଦ

ହାଇଦ୍ରାବାଦ, ୩/୫(ନ୍ୟୁ.ଏ): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୪୫ତମ ମ୍ୟାଚକୁ ଅନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ କୋଲକାତା ନାଇଟ୍ ରାଇଡର୍ସ ସହଜରେ ବିଜୟ ହାସଲ କରିଛି । ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ଷ୍ଟାଡିୟମରେ ୧୬୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା । ଦଳ ୧୮.୨ ଓଭରରେ ୩ ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଛି । କୋଲକାତା ପାଇଁ ଅଙ୍ଗକ୍ରିଶ ରଘୁବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୭ଟି ବଲ୍ ଖେଳି ୫୯ ରନ୍ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା । ଏହା ପୂର୍ବରୁ ପ୍ରାରମ୍ଭିକ ବ୍ୟାଟର ଅଧିନାୟକ ଆଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲେନ ପ୍ରଥମ ୱିକେଟ୍ ପାଇଁ ୫୯ ରନ୍‌ର ଭାଗିଦାରୀ କରିଥିଲେ । ଆଲେନ୍ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ଜବରେ ୨୯ ରନ୍ ସଂଗ୍ରହ କରିଥିଲେ ।

କୋଲକାତା ନିଜର ସ୍କୋର ୧୩୩ ରନରେ ରହାଣେଙ୍କୁ ହରାଇଥିଲା । ରହାଣେ ୩୬ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ଜବରେ ୪୩ ରନ୍ ସଂଗ୍ରହ କରିଥିଲେ । ଟସ୍ ଜିତି ଗୋଲାର ହାଇଦ୍ରାବାଦ ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା । ହାଇଦ୍ରାବାଦରେ କୋଲକାତା ସଫଳ ରଣନୀତି ନେଇ ବୋଲିଂ କରିଥିଲା । ବରୁଣ ଚକ୍ରବର୍ତୀ ଦଳ ପାଇଁ ସର୍ବାଧିକ ୩ଟି ୱିକେଟ ନେଇଥିଲେ । ସେ ୪ଓଭର ବୋଲିଂ ଖର୍ଚ୍ଚ କରି ୩୬ ରନ୍ ଦେଇଥିଲେ । ସୁନୀଲ ନାରାୟଣ ଏବଂ କାର୍ତ୍ତିକ ତ୍ୟାଗୀ ୨-୨ଟି ୱିକେଟ୍ ଅକ୍ଷିଆର କରିଥିଲେ । ବେରୋଜ ଅରୋରା, କେମରନ ଗ୍ରିନ ଏବଂ ଅନୁକୂଳ ରାୟଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା । ହାଇଦ୍ରାବାଦର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା । ଏପରିକି ଦଳ ୧୦ ଓଭର ପରିବର୍ତ୍ତମାସ୍ତି ପରେ ୨ଟି ୱିକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା । ଆଶା କରାଯାଉଥିଲା ଯେ, ସ୍କୋର ୨୦୦ ରନ୍ ଅତିକ୍ରମ କରିବ । କିନ୍ତୁ ପରବର୍ତ୍ତୀ ସମୟରେ ଦଳର ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ । ପ୍ରାରମ୍ଭିକ ବ୍ୟାଟର ଟ୍ରାଭିସ ହେଡ୍ ଏବଂ ଅଭିଷେକ ଶର୍ମା ବ୍ୟତୀତ ଅନ୍ୟ ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ । କୋଲକାତାର ବୋଲରମାନଙ୍କ ଆଗରେ ହାଇଦ୍ରାବାଦର ବୋଲରମାନେ ଜଣକ ପରେ ଜଣେ ଆତ୍ମସମର୍ପଣ କରୁଥିଲେ । ଟ୍ରାଭିସ୍ ହେଡ୍ ବ୍ୟକ୍ତିଗତ ଭାବେ ୬୧ ରନ୍ ସଂଗ୍ରହ କରିଥିଲେ । ସେ ନିଜ ଇନିସରେ ୨୮ଟି ବଲ୍ ସାମ୍ନା କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ । ଇଶାନ କିଶନ ୨୯ଟି ବଲ୍ ଖେଳି ୪୨ ରନ୍ ଯୋଡ଼ିଥିଲେ । ସେ ୪ଟି ଚୌକା ଏବଂ ୨ଟି ଛକା ଜବରେ ୧୫ ରନ୍ କରିଥିଲେ । ବିଷ୍ଣୋଇ ବ୍ୟାଟର ହେନରି କ୍ଲାସେଁ ୧୧ ରନ୍ ଏବଂ ପେଟ୍ କମିନ୍ ୧୦ ରନ୍ କରିଥିଲେ ।

ଦେଢ଼ ମାସରେ ଦ୍ୱିତୀୟ ଥର ପାଇଁ ବିକ୍ରି ହେଲା ରାଜସ୍ଥାନ ରୟାଲ୍ସ

ନୂଆଦିଲ୍ଲୀ, ୩/୫(ନ୍ୟୁ.ଏ): ଚାଲିଛି ଆଇପିଏଲ୍ ୨୦୨୬ । କ୍ରିକେଟ ମୈଦାନରେ ଛକା-ଚୌକାର ବର୍ଷା ଦେଖିବାକୁ ମିଳୁଛି । ସେଇଠି ଅନ୍ୟପକ୍ଷେ ଏଥିରେ ଲାଭ ନେଇଥିବା ଟିମ କିଣି ବିକା କୋଚବିହାର ଭାବରେ ଚାଲିଛି । ରାଜସ୍ଥାନ ରୟାଲ୍ସ ଟିମକୁ ନୂଆ ମାଲିକ ମିଳି ଯାଇଛି । ଭାରତୀୟ ବଂଶୋଦ୍ଭବ ଅରବପତି ଓ ଷ୍ଟିଲ୍ କିଙ୍ଗ ନାମରେ ପରିଚିତ ଲକ୍ଷ୍ମୀ ମିତଲ ପରିବାର ରାଜସ୍ଥାନ ରୟାଲ୍ସକୁ କିଣିଛନ୍ତି । ଏଥିପାଇଁ ସେ ୧,୬୫ ବିଲିୟନ ଡଲାର ବା ପ୍ରାୟ ୧୫,୬୬୦ କୋଟି ଟଙ୍କାରେ ଡିଲ୍ କରିଛନ୍ତି । ଏହି ଘୋଷଣା ଏମଓୟୁଙ୍କୁ ଚକିତ କରିଛି । କାରଣ ପୂର୍ବରୁ ଆମେରିକୀୟ ବ୍ୟବସାୟୀ କାନ୍ସ ସୋମାନୀଙ୍କ ନେତୃତ୍ୱରେ ମାଲିକାନା ଥିଲା । ଯେଉଁଥିରେ ଲଲ୍ ଥ୍ୱାଲ୍ନ୍ ଏବଂ ଫୋର୍ଡ ପରିବାରର ସଦସ୍ୟମାନେ ମଧ୍ୟ ସାମିଲ ଥିଲେ । ୨୦୦୮ରେ ପ୍ରଥମ ଆଇପିଏଲ୍? ଟାଇଟଲ୍ ଜିତିଥିବା ରାଜସ୍ଥାନ ରୟାଲ୍ସ ବର୍ତମାନ ଆଇପିଏଲ୍ ୨୦୨୬ରେ ଲଜ୍ଜଷ ଫର୍ମରେ ଅଛି ଏବଂ ପ୍ଲେଅଫ୍ ଆଡ଼କୁ ଅଗ୍ରସର ହେଉଛି, ଯୁବ ଡାକୁ ବୈଭବ ସୂର୍ଯ୍ୟବଂଶୀଙ୍କ ଚମକ ଜାରି ରହିଛି । ବିଜେନିୟର ଲକ୍ଷ୍ମୀ ମିତଲଙ୍କ ପରିବାର ଦେଶରେ ଲାଜପିନ୍ ଜିଙ୍କ କୁହାଯାଉଥିବା ସୀରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଆଦର ପୁନାୱାଲାଙ୍କ ସହ ମିଶି ଏହି ଡିଲ୍ କରିଛନ୍ତି । ରିପୋର୍ଟ ଅନୁସାରେ, ଆଇପିଏଲ୍ ଟିମ୍ ଡିଲ୍ ପୁରା ହେବାପରେ ମିତଲ ପରିବାର ରାଜସ୍ଥାନ ରୟାଲ୍ସର ପ୍ରାୟ ୭୫% ଅଂଶଧନର ମାଲିକ ହେବେ, ଯେତେବେଳେ କି ଆଦର ପୁନାୱାଲା ପ୍ରାୟ ୧୮% ଅଂଶଧନ ରଖିବେ । ଅବଶିଷ୍ଟ ଅଂଶଧନ ଅନ୍ୟ ନିବେଶକଙ୍କ ପାଖରେ ରହିବ । ଲକ୍ଷ୍ମୀ ମିତଲ, ଆଦିତ୍ୟ ମିତଲ, ଭାନିଶା ମିତଲ-ଭାଟିଆ, ଆଦର ପୁନାୱାଲା ଏବଂ ମନୋଜ ବଦାଲେ ରାଜସ୍ଥାନ ରୟାଲ୍ସର ବୋର୍ଡରେ ଯୋଗଦେବେ । ଆଦିତ୍ୟ ମିତଲଙ୍କ ପୁଅ ହେଉଛନ୍ତି ଲକ୍ଷ୍ମୀ ମିତଲ ଏବଂ ଝିଅ ହେଉଛନ୍ତି ଭାନିଶା ମିତଲ-ଭାଟିଆ । ମନୋଜ ବଦାଲେ, ଯିଏ ଏପର୍ଯ୍ୟନ୍ତ ମୁଖ୍ୟ ମାଲିକ ଥିଲେ, ସେ ଦଳ ସହିତ ଜଡିତ ରହିବେ ଏବଂ ତାଙ୍କ ଅଭିଜ୍ଞତା ସହିତ ପ୍ରାଂଚାଇଜ୍‌କୁ ମାର୍ଗଦର୍ଶନ କରିବେ । ଏହି ଅଧିଗ୍ରହଣରେ ଦକ୍ଷିଣ ଆଫ୍ରିକାର ପାର୍ଲ ରୟାଲ୍ସ ଏବଂ କାରିବିଆନର ଗାଉଟାଉସ ରୟାଲ୍ସ ମଧ୍ୟ ସାମିଲ ଅଛନ୍ତି । ତଥାପି, ଏହି ଡିଲ୍ କେବଳ ବିସିସିଆଇ, ସିସିଆଇ ଏବଂ ଆଇପିଏଲ ଗଭର୍ଣ୍ଣିଂ କାଉନସିଲଙ୍କ ଅନୁମୋଦନ ପରେ ସମାପ୍ତ ହେବ, ଯାହା ୨୦୨୬ର ତୃତୀୟ ତ୍ରୟମାସରେ ଆଶା କରାଯାଉଛି । ଲକ୍ଷ୍ମୀ ମିତଲଙ୍କ ରାଜସ୍ଥାନ ସହିତ ଏକ ବିଶେଷ ସମ୍ପର୍କ ଅଛି, କାରଣ ସେ ରାଜସ୍ଥାନ ସାଦୁଲପୁର ଗାଁରେ ଜନ୍ମଗ୍ରହଣ କରିଥିଲେ । ଏହି କାରଣରୁ ଏହି ବୃତ୍ତି ତାଙ୍କ ପାଇଁ ଭାବନାତ୍ମକ ଗୁରୁତ୍ୱ ରଖେ । ରାଜସ୍ଥାନ ରୟାଲ୍ସ ଆଇପିଏଲର ପ୍ରାରମ୍ଭିକ ଟିମ୍ ମଧ୍ୟରୁ ଗୋଟିଏ ଥିଲା ଏବଂ ୨୦୦୮ରେ ପ୍ରଥମ ସିଜିନରେ ବିଜୟୀ ହୋଇଥିଲା । ଏହି ଡିଲ୍ ନେଇ ଲକ୍ଷ୍ମୀ କହିଛନ୍ତି, ଏହି ଜନରେଣ୍ଟ ସହିତ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ରହିଛି । ମିତଲ କହିଛନ୍ତି, 'ମୁଁ କ୍ରିକେଟକୁ ଭଲ ପାଏ ଏବଂ ମୋ ପରିବାର ରାଜସ୍ଥାନର, ତେଣୁ ମୁଁ ରାଜସ୍ଥାନ ରୟାଲ୍ସ ବ୍ୟତୀତ ଅନ୍ୟ କୌଣସି ଆଇପିଏଲ୍ ଦଳର ଅଂଶ ହେବାକୁ ଚାହିଁବି ନାହିଁ । ଅନେକ ମହାନ ଖେଳାଳି ରାଜସ୍ଥାନ ରୟାଲ୍ସ ଜର୍ସି ପିନ୍ଧିଛନ୍ତି, ଏବଂ ମୁଁ ଏହି ଟିମ୍‌ର ଅଂଶ ହେବାକୁ ଗର୍ବୁଛି ।' ସେଉମ୍ ଇନଷ୍ଟିଚ୍ୟୁଟ୍ ସିଇଓ ଆଦର ପୁନାୱାଲା କହିଛନ୍ତି ,ସେ ଏହି ବୃତ୍ତିରେ ଖୁସି, ରାଜସ୍ଥାନ ରୟାଲ୍ସ ଏକ ଦୃଢ଼ ଐତିହ୍ୟ ସହିତ ଏକ ପ୍ରମୁଖ ଆଇପିଏଲ୍ ଫ୍ରାଂଚାଇଜ୍ ।

ମୁଁ ୬ ପୀଡ଼ିତାଙ୍କ ମଧ୍ୟରୁ ଜଣେ: ଫୋଗାଟ

ନୂଆଦିଲ୍ଲୀ, ୩/୫(ନ୍ୟୁ.ଏ): ପୁଣି ଫୋଗିଟ ତ୍ରିଭୂଷଣ ସିଂହ ଓ ବିନେଶ ଫୋଗାଟ ବିବାଦ । ଶେଷରେ ମୁହଁ ଖୋଲିଛନ୍ତି ଅଲିମ୍ପିଆନ୍ ବିନେଶ ଫୋଗାଟ । ତ୍ରିଭୂଷଣଙ୍କ ନାମରେ ୨୦୨୩ ମସିହା ପ୍ରାରମ୍ଭରେ ୬ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ । ଏହି ମାମଲା ଏବେ ଆଦାଲତରେ ବିଚାରାଧୀନ ରହିଛି । ବିନେଶ ଫୋଗାଟ କିଛି ଉଦିବାର ଖୋଲାଖୋଲି କହିଛନ୍ତି 'ପୀଡ଼ିତା ୬ ଜଣଙ୍କ ମଧ୍ୟରୁ ମୁଁ ଜଣେ । ମହିଳାଙ୍କ ସମ୍ମାନ ଯୋଡ଼ି ହୋଇଥିବାରୁ ପୀଡ଼ିତାଙ୍କ ନାମ ଘୋଷଣା କରାଯିବା ଉପରେ ତଳତମ ନ୍ୟାୟାଳୟଙ୍କ କଟକଣା ରହିଛି । କିନ୍ତୁ ପରିସ୍ଥିତି ଏଭଳି ହୋଇଛି ଯେ ମୋତେ ଖୋଲାଖୋଲି କହିବାକୁ ପଡ଼ୁଛି ।'' ଏକ ଭିଡିଓ କାର୍ଡା ଜାରି କରି ବିନେଶ କହିଛନ୍ତି 'ମାମଲା ଅଦାଲତରେ ଥିବାରୁ ମୁଁ ନିରବ ରହିଥିଲି । କିନ୍ତୁ ପରିସ୍ଥିତି ଜିଦ୍ ହେବାରୁ ମୁଁ ମୁହଁ ଖୋଲୁଛି । ଦୀର୍ଘ ୧୮ ମାସ ପରେ ମୁଁ କୁସ୍ତି କୁସ୍ତି ଫେରିବାକୁ ଯାଉଛି । ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହେବାକୁ ଥିବା ଜାତୀୟ ମାନ୍ୟତା ପ୍ରତିଯୋଗିତା ଏବଂ ଟ୍ରାଏଲ୍‌ସର ପାଚର ଅନ୍ତର କରାଯିବା ନିଶ୍ଚିତ । ଏହା ତ୍ରିଭୂଷଣଙ୍କ କଳେଜ ପରିସର ହୋଇଥିବାରୁ ଅଫିସିଆଲ୍‌ମାନେ ଯାହା କଲା କରିବେ । ପ୍ରତିଯୋଗିତା ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଫୋଗାଟ ପ୍ରଶ୍ନ କରିଛନ୍ତି । ''କିଛି ଅଘଟଣ ଘଟିବେ ଭାରତ ସରକାର ଦାୟୀ ରହିବେ । ମୁଁ କାହାରିଠାରୁ ଅନୁକମ୍ପା ଆଶା କରୁନାହିଁ । ପ୍ରତିଯୋଗିତା ଯେଉଁଠି ହେଉଛି ସେଠାରେ ସ୍ୱଚ୍ଛତା ଆଣା କରାଯାଇପାରିବ ନାହିଁ । କାରଣ ସେଠାରେ ତ୍ରିଭୂଷଣଙ୍କ ପ୍ରଭାବ ରହିଛି । ପରିବେଶ ଏଭଳି ରହିଛି ଯେ, ମୁଁ ମଧ୍ୟ ନିଜର ୧୦୦ ପ୍ରତିଶତ ଦେବା ନେଇ ସନ୍ଦେହ ରହୁଛି । କାରଣ ସେଠାରେ ତ୍ରିଭୂଷଣ ମ୍ୟାଟ୍ ଅଧ୍ୟକ୍ଷ ଭଳି ହାଜର ରହିବେ ।'' ବିନେଶ ମଧ୍ୟ ଦେଶ ପାଇଁ ପୁଣି ପଦକ ଜିତିବାକୁ ଆଗ୍ରହୀ ଅଛନ୍ତି । ''ମୁଁ କୌଣସି ସ୍ୱତନ୍ତ୍ର ଯତ୍ନ ଆଦଶ୍ୟକ କରୁନାହିଁ । ମ୍ୟାଟ୍ ଉପରେ କଠିନ ପରିଶ୍ରମ କରୁଥିବା ଖେଳାଳିଙ୍କ ପ୍ରଦର୍ଶନ ଫଳାଫଳରେ ପ୍ରତିଫଳିତ ହେବ' ବୋଲି ବିନେଶ ପ୍ରକାଶ କରିଛନ୍ତି । ପ୍ୟାରିସ୍ ଅଲିମ୍ପିକରେ ବିନେଶ ମାତ୍ରାଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ ହେବାରୁ ଅନ୍ୟୂନ ରୌପ୍ୟ ପଦକରୁ ବଂଚିତ ହୋଇଥିଲେ । ଏହାକୁ ନେଇ ନାଟକୀୟ ପରିସ୍ଥିତି ଦେଖିବାକୁ ମିଳିବା ପରେ ବିନେଶ ଷଡ଼ଯନ୍ତ୍ର ଅଭିଯୋଗ ଆଣିଥିଲେ । ଏହା ପରେ ବିନେଶ ଅବସର ଘୋଷଣା କରିଥିଲେ ମଧ୍ୟ ଏବେ ପ୍ରତ୍ୟାବର୍ତନ ପ୍ରୟାସରେ ରହିଛନ୍ତି । ସୂଚନାଯୋଗ୍ୟ, ଭାରତୀୟ କୁସ୍ତି ସଂଘର ସଭାପତି ବ୍ରିଜଭୂଷଣ ସିଂହ ୬ ଥର ସାଂସଦ ଥିଲେ । ଏହି ଦିବାବ ପରେ ଉଭୟ ପଦ ସେ ହରାଇଥିଲେ । ଉତ ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ଟିକେଟ୍ ଦେଇନଥିଲା । ତେବେ କୁସ୍ତି ସଂଘ ନିର୍ବାଚନରେ ତାଙ୍କ ସମର୍ଥିତ ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇଥିଲେ । ଅନ୍ୟପକ୍ଷରେ ତ୍ରିଭୂଷଣଙ୍କ ନାମରେ ଯୌନ ନିର୍ଯାତନା ଅଭିଯୁକ୍ତା କୁସ୍ତିଯୋଦ୍ଧାଙ୍କ ନେତୃତ୍ୱ ନେଇଥିଲେ ଫୋଗାଟ । ଫୋଗାଟ ମଧ୍ୟ ଗତ ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତିରେ ଯୋଗଦେଇ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଛନ୍ତି ।

ଗଣତି ପୂର୍ବରୁ ନିଜ ସୋସିଆଲ ମିଡିଆ ବାୟୋରୁ ମୁଖ୍ୟମନ୍ତ୍ରୀ ପଦ ହଟାଇଲେ ବିଜୟନ

ଥିରୁଅନନ୍ତପୁରମ, ୩/୫(ନ୍ୟୁ.ଏ): କେରଳରେ ବିଧାନସଭା ନିର୍ବାଚନ ରେଜଲ୍ଟ ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନଙ୍କ ସୋସିଆଲ ମିଡିଆରେ ପରିବର୍ତନ । ସେ ନିଜର ପ୍ରୋଫାଇଲରେ ବାୟ୍ ଧରଣର ପରିବର୍ତନ କରି ନିଜର ବାୟୋ ଅପଡେଟ୍ କରିଛନ୍ତି । ଯାହାକୁ ନେଇ ଚର୍ଚ୍ଚା ରାଜନୈତିକ ବର୍ତ୍ତୁଳ । ବିଶେଷଜ୍ଞଙ୍କ ମତରେ ଭୋଟ୍ ଗଣତି ପୂର୍ବରୁ ପ୍ରୋଫାଇଲରେ କରାଯାଇଥିବା ଏହି ପରିବର୍ତନ କେବଳ ଏକ ଝିପରାଜିକ ଅପଡେଟ୍ ନୁହେଁ, ବରଂ ଏଲାକୁ ନିର୍ବାଚନୀ ଫଳାଫଳକୁ ନେଇ ଆତ୍ମବିଶ୍ୱାସ କିମ୍ବା ରଣନୈତିକ ବାର୍ତ୍ତା ବି ବହିଛେବ । ରାଜନୈତିକ ବିଶ୍ଳେଷକଙ୍କ ମତରେ ଏଭଳି ସମୟରେ ସେ ସୋସିଆଲ ମିଡିଆ ବାୟୋ ପରିବର୍ତନ କରିଛନ୍ତି ଯେପରି ଜନତା ଏବଂ ସମର୍ଥକଙ୍କ ପାଇଁ ପ୍ରତୀକାତ୍ମକ ବାର୍ତ୍ତା ମଧ୍ୟ ହୋଇପାରିବ । କେରଳ ରାଜନୀତିରେ ଛୋଟ ଛୋଟ କି ବଡ଼, ପ୍ରତ୍ୟେକ ପଦକ୍ଷେପ ଉପରେ କଡ଼ା ନଜର ରଖାଯାଉଛି, କାରଣ ନିର୍ବାଚନ ଫଳାଫଳ ରାଜ୍ୟରେ କ୍ଷମତାର ଦିଗ ନିର୍ଣ୍ଣୟ କରିବ । ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଆଲୋଚନାର ବିଷୟ ପାଲଟିଛି, ଏବଂ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ କଡ଼ା ନଜର ରଖୁଛନ୍ତି । ସୂତ୍ର ଅନୁଯାୟୀ, ଏହି ପରିବର୍ତନ ନିର୍ବାଚନ ଫଳାଫଳ ପୂର୍ବରୁ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାର ଏକ ପ୍ରୟାସ ହୋଇପାରେ, ଯାହା ସମର୍ଥମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ ଏବଂ ବିରୋଧୀଙ୍କ ଉପରେ ଚାପ ପକାଇବ । ତଥାପି, ଏହି ପରିବର୍ତନ ସତ୍ତ୍ୱେ କୌଣସି ସରକାରୀ ବିବୃତି ପ୍ରକାଶ କରାଯାଇ ନାହିଁ । ସମସ୍ତଙ୍କ ନଜର ଏବେ ଭୋଟ ଗଣତି ଉପରେ ରହିଛି, ଯେଉଁଠାରେ ମୁଖ୍ୟମନ୍ତ୍ରୀଙ୍କ ସଙ୍କେତ ସଠିକ୍ ପ୍ରମାଣିତ ହେବଛି କି ନାହିଁ ତାହା ସ୍ପଷ୍ଟ ହୋଇପାରେ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ ଭାରତର ୧୫୭ତମ ସ୍ଥାନକୁ ନେଇ କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ, ୩/୫(ନ୍ୟୁ.ଏ): ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ୨୦୨୬ରେ ଭାରତ ୧୫୭ତମ ସ୍ଥାନରେ ଥିବାରୁ ରବିବାର କଂଗ୍ରେସ ଭାରତରେ ମୁଖ୍ୟ ସାମ୍ବାଦିକତା ବିପଦରେ ଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛି । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ କଂଗ୍ରେସ କହିଛି ଯେ ମୁଖ୍ୟ ସାମ୍ବାଦିକତା ଗଣତନ୍ତ୍ରର ସ୍ତମ୍ଭ, କିନ୍ତୁ ଏହା ଉପରେ ଆକ୍ରମଣ ହେଉଛି । ଏହାରେ ଏକ ପୋଷ୍ଟରେ କଂଗ୍ରେସ କହିଛି, ମୁଖ୍ୟ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସ୍ତମ୍ଭ, କିନ୍ତୁ ଆଜି ତାହା ଉପରେ ଆକ୍ରମଣ ହେଉଛି । ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ୨୦୨୬ରେ ଭାରତ ୧୫୭ତମ ସ୍ଥାନରେ ରହିଛି । ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସରେ କଂଗ୍ରେସ ଦଳ ପ୍ରତ୍ୟେକ ନିର୍ଭୀକ ସ୍ୱର ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି ଯାହା ସତ୍ୟ କହିଥାଏ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢେଇ କରେ । ୧୯୯୧ ମସିହାରେ ୟୁନେସ୍କୋର ୨୬ତମ ସାଧାରଣ ସମ୍ମିଳନୀରେ ଗ୍ରହଣ କରାଯାଇଥିବା ସ୍ୱପାରିଶ ପରେ ୧୯୯୩ ମସିହାରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଘୋଷଣା କରାଯାଇଥିଲା । ଏହା ଆଫ୍ରିକୀୟ ସାମ୍ବାଦିକମାନଙ୍କ ଆହ୍ୱାନର ଏକ ପ୍ରତିକ୍ରିୟା ଥିଲା, ଯେଉଁମାନେ ୧୯୯୧ରେ ଏଟିକିସିଲ ଡ୍ରିଣ୍ଡହୋଲ୍ ଘୋଷଣାନାମା ପ୍ରସ୍ତୁତ କରିଥିଲେ । ଡ୍ରିଣ୍ଡହୋଲ୍ ଘୋଷଣାନାମା ବିଶ୍ୱବ୍ୟାପୀ ଗଣମାଧ୍ୟମର ସ୍ୱାଧୀନତା ସୁନିଶ୍ଚିତ କରିବା ପାଇଁ ଏକ ମାନଦଣ୍ଡ । ୧୯୯୧ ମସିହାରେ ଡ୍ରିଣ୍ଡହୋଲ୍‌ଠାରେ ଏକ ସେମିନାରରେ ଏହା ଆରମ୍ଭ ହୋଇଥିଲା ।

ବାଲେନ ଶାହାଙ୍କ ମାଷ୍ଟରଷ୍ଟ୍ରୋକ୍ : ନେପାଳର ରାଷ୍ଟ୍ରପତି,ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ସେନା ମୁଖ୍ୟଙ୍କ ସମ୍ପତ୍ତିର ହେବ ଯାଂଚ

କାଠମାଣ୍ଡୁ, ୩/୫(ନ୍ୟୁ.ଏ): ନେପାଳରେ ଚଳିତ ସପ୍ତାହରେ ଘଟିଥିବା ଏକ ଘଟଣା ସମସ୍ତଙ୍କୁ ଚକିତ କରିଛି । ନୂତନ ଭାବରେ ପ୍ରଧାନମନ୍ତ୍ରୀ ପଦରାଜ ଗୁଇଣ କରିଥିବା ବାଲେନ ଶାହାଙ୍କ ଦଢ଼ ପଦକ୍ଷେପ । ସେ ଦେଶରେ ନୂତନ ଭାବରେ ଗଠିତ ଜଳସ୍ଥରୀୟ ସମ୍ପତ୍ତି ଯାଂଚ କମିଶନକୁ ୧୦ ହଜାର ଲୋକଙ୍କୁ ସମ୍ପତ୍ତିର ଯାଂଚ କରିବାକୁ ବ୍ୟାପକ ଅଧିକାର ଦେଇଛନ୍ତି । ଏହା ପ୍ରଥମ ଥର ଯେତେବେଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଓ ନେପାଳ ସେନାର ପୂର୍ବତନ ମୁଖ୍ୟଙ୍କୁ ଦଦନ୍ତକାରୀଙ୍କ ପରିସରରେ ଆଣିଛି । ନେପାଳର ପୂର୍ବତନ ଟିପ୍ ଟପ୍ସିସ୍ ଓ ସେନା ମୁଖ୍ୟଙ୍କ ସମ୍ପତ୍ତିରେ ବୃଦ୍ଧିର ଯାଂଚ ଏହି କମିଶନ୍ କରିପାରେ । ମାଲରିପବ୍ଲିକ୍ ରିପୋର୍ଟ ଅନୁସାରେ, ଗୁରୁବାର ପ୍ରକାଶିତ ନେପାଳ ଗେଜେଟରେ ଏକ ସୂଚନାରେ କମିଶନ୍ର ଅଧିକାର କ୍ଷେତ୍ରର ରୂପରେଖ ଦିଆଯାଇଛି । ଏଥିରୁ ଜଣାପଡୁଛି ଯେ, କମିଶନ୍ ପରିସର ଖୁବ୍ ବଡ଼ । ତବେ ପରିସରଭୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ ବର୍ତମାନର ରାଷ୍ଟ୍ରପତି, ପୂର୍ବତନ ପ୍ରଧାନମନ୍ତ୍ରୀ,ବହୁ ମନ୍ତ୍ରୀ, ସାଂସଦ,ସରକାରୀ କର୍ମଚାରୀ, ରାଜନୈତିକ ଭାବରେ ନିଯୁକ୍ତ ଅଧିକାରୀ ଏବଂ ସେମାନଙ୍କର ପ୍ରତିନିଧିମାନେ ଅଛନ୍ତି । କାଠମାଣ୍ଡୁରେ କମିଶନ୍‌ରେ ଜଣେ ଅଧିକାରୀ କହିଛନ୍ତି, ୧୦ ହଜାରରୁ ଅଧିକ ଲୋକ ଏହି ଯାଂଚ ପରିସରରେ ରହିବେ । ତେବେ ଏପର୍ଯ୍ୟନ୍ତ ଏହାର ସଠିକ୍ ସଂଖ୍ୟା କହିବା ସମ୍ଭବପର ହୋଇନି । ତବନ୍ତ କମିଶନ୍ ଅଧିନିୟମ, ୧୯୬୯ ଅନୁସାରେ, ୧୫ ଅପ୍ରେଲରେ ଗଠିତ ଏହି ସଂସ୍ଥାକୁ ପୂର୍ବତନ ଅଧିକାରୀଙ୍କ ସମ୍ପତ୍ତିର ଯାଂଚ କରିବାର ଦାୟିତ୍